# ଟିକିରିକୁ ବ୍ଲକ୍ ମାନ୍ୟତା ଦାବି ଜୋର ଧରିଲା

ଟିକିରି,୧୬।୩ (ପ୍ରଫୁଲ କୁମାର ବେହେରା)

ରାୟଗଡ଼ା ଜିଲା କାଶୀପୁର ବ୍ଲକ ଟିକିରିକୁ ବ୍ଲକ୍ ମାନ୍ୟତା ପ୍ରଦାନ ପାଇଁ ଦାବି ଜୋର ଧରିଛି । ଏ ନେଇ ଆବାହକ ଟିକିରି ପଞ୍ଚାୟତ ସରପଞ୍ଚ ଜଗବନ୍ଧୁ ମାଝୀଙ୍କ ଅଧ୍ୟକ୍ଷତାରେ ଟିକିରି ପଞ୍ଚାୟତ ସଭାଗୃହରେ ରବିବାର ଏକ ପ୍ରସ୍ତୁତି ବୈଠକ ଅନୁଷ୍ଠିତ ହୋଇଥିଲା । ଟିକିରିକୁ ଏନ୍ଏସି ମାନ୍ୟତା ନୁହେଁ ବରଂ ବ୍ଲକ ଗଠନ ପାଇଁ ଦାବି ହୋଇଥିଲା । ଟିକିରିକୁ ବ୍ଲକ୍ ମାନ୍ୟତା ପ୍ରଦାନ ଦାବି ନେଇ ରାୟଗଡ଼ା ଜିଲାପାଳଙ୍କ ଜରିଆରେ ମୁଖ୍ୟମନ୍ତ୍ରୀ ଓ ରାଜ୍ୟପାଳଙ୍କୁ ଦାବିପତ୍ର ପ୍ରଦାନ କରାଯିବା ନେଇ ଉକ୍ତ ବୈଠକରେ


ପ୍ରସ୍ତୁତି ବୈଠକରେ ଟିକିରିକୁ ବ୍ଲକ୍ ମାନ୍ୟତା ପ୍ରଦାନ ନେଇ ଆଲୋଚନା କରାଯାଉଛି ।

ନିଷ୍ପତ୍ତି ହୋଇଥିଲା । ବୈଠକରେ ବ୍ଲକ ଅଧ୍ୟକ୍ଷ କଣ୍ଠ ମାଝୀ, ଏମ୍ପିଙ୍କ ପ୍ରତିନିଧି ସାନ୍ଧୁ ଚରଣ ମାଝୀ, ବଣିକ ସଂଘ ସଭାପତି ମନୋଜ କୁମାର ବେହେରା, ଆଦିବାସୀ

**ମୁଖ୍ୟମନ୍ତ୍ରୀ ଓ ରାଜ୍ୟପାଳଙ୍କୁ ଦାବିପତ୍ର ପ୍ରଦାନ ନେଇ ଆଲୋଚନା**

ସମାଜ ସଭାପତି ଶିବ ମାଝୀ, କାଶୀପୁର ବିଧାୟକଙ୍କ ପ୍ରତିନିଧି ଝିଙ୍ଗୁରୁ ମାଝୀ, ଶଙ୍କର ପ୍ରସାଦ ଦୁରିଆ, ଶିକ୍ଷକ ରାମନାଥ ଝୋଡ଼ିଆ, ମୁଗୁରା ମାଝୀ, ଆଦିବାସୀ ଯୁବ ଆଇନ ଜିବୀ ଉପେନ୍ଦ୍ର ମାଝୀ, ମୁକୁନ୍ଦ ବିଶୋଇ, ଟଙ୍କ ଝୋଡ଼ିଆ, ଶଙ୍କର ତ୍ରିପାଠି, ଜୋସେଫ ଖୋସଲା ପ୍ରମୁଖ ଉପସ୍ଥିତ ଥିଲେ ।

ସୂଚନାଯୋଗ୍ୟ, କାଶୀପୁର ବ୍ଲକ ଅଧୀନସ୍ଥ ଜିଲା ପରିଷଦ 'ଖ' ଜୋନ୍ ଅନ୍ତର୍ଗତ ଟିକିରିକୁ ନୂତନ ବ୍ଲକ ମାନ୍ୟତା ପ୍ରଦାନ ନେଇ ଦୀର୍ଘଦିନ ହେଲା ଦାବି ଉଠି ଆସୁଛି । ଏ ନେଇ ବହୁବାର ଆନ୍ଦୋଳନ ମଧ୍ୟ ହୋଇଛି । ଟିକିରି ଏକ ଶିଳ୍ପାଞ୍ଚଳ ହବ୍ ପାଲଟି ଗଲାଣି । ତେଣୁ ଟିକିରି, ଶଙ୍କରଡ଼ା, ଗୋଡିବାଲି, ଶିରିପାଇ, ବାଙ୍କାମ୍ବ, ପୋଡାପାଡ଼ି, ନକଟିଗୁଡା ଓ ଦୁଦୁକାବାହାଲ ୮ଟି ପଞ୍ଚାୟତକୁ ନେଇ ନୂତନ ବ୍ଲକ ଓ ତହସିଲ ଗଠନ ପାଇଁ ଜିଲାରୁ ବିଭିନ୍ନ ସଂଗଠନ ପକ୍ଷରୁ ଦାବି ହୋଇଛି ।

# ପୃଥକ୍ ସଡ଼କ ଦୁର୍ଘଟଣାରେ ୨ ମୃତ

ରାୟଗଡ଼ା,୧୬।୩(ଆଶିଷ ରଞ୍ଜନ ପଣ୍ଡା)

ରାୟଗଡ଼ାରେ ଦୁଇଟି ପୃଥକ ସଡ଼କ ଦୁର୍ଘଟଣାରେ ଶନିବାର ୨ଜଣଙ୍କ ମୃତ୍ୟୁ ଘଟିଛି । ମୃତକ ଦ୍ୱୟ ସାନ ଚାନ୍ଦିଲିର କେ.ଭେଙ୍କେଟ (୫୩) ଏବଂ ଡୁମ୍ବିଗୁଡାର ଗୌରୀ ଉଲ୍ଲାକା ବୋଲି ଜଣାପଡିଛି ।

ପୋଲିସ ସୂଚନା ଅନୁଯାୟୀ, ସାନ ଚାନ୍ଦିଲିର କେ.ଭେଙ୍କେଟ ଶନିବାର ସନ୍ଧ୍ୟାରେ କୌଣସି କାମରେ ରାୟଗଡ଼ା ଆସିଥିଲେ । ଫେରିବା ବେଳେ ରାୟଗଡ଼ା କୋରାପୁଟ ଛକରୁ ନୂଆ ସାହି ଯିବା ରାସ୍ତାରେ ଭାରସାମ୍ୟ ହରାଇ ବାଇକ ଦୁର୍ଘଟଣା ହେବାରୁ ସେ ଗୁରୁତର ହୋଇଥିଲେ । ସ୍ଥାନୀୟ ଲୋକେ ତାଙ୍କୁ ଗୁରୁତର ଅବସ୍ଥାରେ ଉଦ୍ଧାର କରି ରାୟଗଡା ଜିଲା ମୁଖ୍ୟ ଚିକିତ୍ସାଳୟରେ ଭର୍ତ୍ତି କରିଥିଲେ । ସେଠାରେ ଚିକିତ୍ସାଧୀନ ଅବସ୍ଥାରେ ଶନିବାର ରାତିରେ ତାଙ୍କର ମୃତ୍ୟୁ ହୋଇଥିଲା । ଏ ସମ୍ପର୍କରେ ଖବରପାଇ ରାୟଗଡ଼ା ପୋଲିସ ମେଡିକାଲରେ ପହଞ୍ଚି ମୃତଦେହ ଜବତ କରି ବ୍ୟବଚ୍ଛେଦ କରିବା ପରେ ପରିବାର ବର୍ଗଙ୍କୁ ମୃତଦେହ ହସ୍ତାନ୍ତର କରିଛି । ଏ ନେଇ ରାୟଗଡ଼ା ଥାନାରେ ଏକ ମାମଲା ରୁଜୁ ହୋଇଛି ।

ସେହିପରି ଅନ୍ୟ ଏକ ସଡ଼କ ଦୁର୍ଘଟଣାରେ ଡୁମ୍ବିଗୁଡାର ଗୌରୀ ଉଲ୍ଲାକାଙ୍କ ମୃତ୍ୟୁ ହୋଇଛି । ଶନିବାର ସନ୍ଧ୍ୟାରେ ସେ ରିଲାଏନ୍ସ ମଲ୍ ନିକଟରୁ ନିଜ ଘର ଡୁମ୍ବିଗୁଡାକୁ ଚାଲି ଚାଲି ଯାଉଥିବା ବେଳେ ଏକ ବାଇକ ଆସି ତାଙ୍କୁ ପଛପଟୁ ଧକ୍କା ଦେଇଥିଲା । ଫଳରେ ଗୌରୀ ଗୁରୁତର ଆହତ ହୋଇଥିଲେ । ପରିବାରବର୍ଗ ତାଙ୍କୁ ଉଦ୍ଧାର କରି ରାୟଗଡ଼ା ଜିଲା ମୁଖ୍ୟ ଚିକିତ୍ସାଳୟରେ ଭର୍ତ୍ତି କରିଥିଲେ । ଚିକିତ୍ସାଧୀନ ଅବସ୍ଥାରେ ଶନିବାର ରାତିରେ ତାଙ୍କର ମୃତ୍ୟୁ ହୋଇଥିଲା । ପୋଲିସ ମୃତଦେହ ଜବତ କରି ମେଡିକାଲରେ ବ୍ୟବଚ୍ଛେଦ କରାଇଛି । ଏ ନେଇ ଆଉ ଏକ ମାମଲା ରାୟଗଡ଼ା ଥାନାରେ ରୁଜୁ ହୋଇଛି ।

# ଶିଶୁକୁ ଉଦ୍ଧାର କରିବାକୁ ଯାଇ ନଦୀରେ ବୁଡ଼ିଗଲେ ନାବାଳକ

ରାୟଗଡ଼ା,୧୬।୩(ଆଶିଷ ରଞ୍ଜନ ପଣ୍ଡା)

ଜଣେ ଶିଶୁକୁ ପାଣିରୁ ଉଦ୍ଧାର କରିବାକୁ ଯାଇ ଜଣେ ନାବାଳକ ଶୁକ୍ରବାର ରାୟଗଡ଼ାସ୍ଥିତ ନାଗାବଳୀ ନଦୀରେ ବୁଡି ମୃତ୍ୟୁବରଣ କରିଛନ୍ତି । ମୃତକ ହେଲେ ଆନ୍ଧ୍ରପ୍ରଦେଶ ବିଜୟୱାଡ଼ା ଜିଲା ସଦର ମହକୁମାର ପି ମୁରଲୀଙ୍କ ପୁଅ ପି. ସାଇ କ୍ରୀଷ୍ଣା (୧୭) ।


ଦମକଳ ବାହିନୀ କର୍ମଚାରୀ କ୍ରୀଷ୍ଣାଙ୍କୁ ନଦୀରୁ ଉଦ୍ଧାର କରୁଛନ୍ତି ।

ଘଟଣାରୁ ପ୍ରକାଶ ଯେ, ସାଇ କ୍ରୀଷ୍ଣା ତାଙ୍କ ପରିବାର ସହିତ ଶୁକ୍ରବାର ମଝିଘରିଆଣୀ ମନ୍ଦିରକୁ ଆସିଥିଲେ । ମା'ଙ୍କ ଦର୍ଶନ ପରେ ପରିବାରବର୍ଗଙ୍କ ସହିତ ଝୁଲାପୋଲକୁ ବୁଲିବାକୁ ଯାଇଥିଲେ । ସେଠାରେ ପରିବାରବର୍ଗ ନାଗାବଳୀ ନଦୀରେ ଗାଧୋଇବାକୁ ଯାଇଥିଲେ । ଏହି ସମୟରେ କ୍ରୀଷ୍ଣାଙ୍କ ମାମୁଁ ପୁଅ ନଦୀରେ ଭାସିଯାଇଥିବା ଦେଖି ତାକୁ ଉଦ୍ଧାର କରିଥିଲେ କ୍ରୀଷ୍ଣା । ହେଲେ ନଜେ ଭାରସାମ୍ୟ ହରାଇ ନଦୀରେ ବୁଡି ଯାଇଥିଲେ । ଜରୁରୀକାଳୀନ ସହାୟତା ନମ୍ବର ୧୧୨ରେ ଫୋନ କଲ ଯିବା ପରେ ସୂଚନା ପାଇ ଦମକଳ ବାହିନୀ ଓ ପୋଲିସ ଘଟଣାସ୍ଥଳରେ ପହଞ୍ଚିଥିଲେ । ଦମକଳ ବାହିନୀ କର୍ମଚାରୀ ନଦୀରେ ପଶି କୃଷ୍ଣାଙ୍କୁ ଉଦ୍ଧାର କରି ଜିଲା ମୁଖ୍ୟ ଚିକିତ୍ସାଳୟକୁ ଆଣିଥିଲେ । ସେଠାରେ ଡାକ୍ତର ତାଙ୍କୁ ମୃତ ଘୋଷଣା କରିଥିଲେ ।

# ଭାଜପା ଜିଲା ସଭାପତିଙ୍କୁ ସ୍ୱାଗତ ସମ୍ବର୍ଦ୍ଧନା


ଭାଜପା ଜିଲା ସଭାପତି ଓ ନୂଆ ମଣ୍ଡଳ ସଭାପତିଙ୍କୁ ସମ୍ବର୍ଦ୍ଧିତ କରାଯାଉଛି ।

ମୁନିଗୁଡ଼ା,୧୬।୩ (ନନ୍ଦ କିଶୋର ପଟ୍ଟନାୟକ)

ମୁନିଗୁଡ଼ା ସଦର ମହକୁମାରେ ନୂତନ ଭାଜପା ଜିଲା ସଭାପତି ଗୋପୀ ଆନନ୍ଦ ଓ ନୂଆ ମଣ୍ଡଳ ସଭାପତି ସୁବାସ ଗୌଡଙ୍କୁ ମୁନିଗୁଡ଼ା ମଣ୍ଡଳ ଭାଜପା ତରଫରୁ ରବିବାର ସନ୍ଧ୍ୟାରେ ସମ୍ବର୍ଦ୍ଧିତ କରାଯାଇଛି । ଏହି ଅବସରରେ ସ୍ଥାନୀୟ ମୁନିଖୋଲସ୍ଥିତ କନିକା ପରମେଶ୍ୱରୀ ମନ୍ଦିର ପରିସରରେ ଉଭୟ ଜିଲା ଓ ମଣ୍ଡଳ ସଭାପତିଙ୍କ ସହିତ ଏମ୍ପି ପ୍ରାର୍ଥୀ କାଳିରାମ ମାଝୀ, ରାୟଗଡ଼ା ବିଧାୟକ ପ୍ରାର୍ଥୀ ବସନ୍ତ ଉଲ୍ଲକା, ବିଷମକଟକ ବିଧାୟକ ପ୍ରାର୍ଥୀ ଜଗନ୍ନାଥ ନୁଣ୍ଡୁକା, ଭାଜପା ଓବିସି ମୋର୍ଚ୍ଚା ରାଜ୍ୟ ଉପସଭାପତି ରାମଚନ୍ଦ୍ର ବେହେରା, ରାଜ୍ୟ କାର୍ଯ୍ୟକାରିଣୀ ସଦସ୍ୟ ଶିବଶଙ୍କର ଉଲ୍ଲକା ପ୍ରମୁଖଙ୍କ ସହ ବହୁ ସଂଖ୍ୟାରେ ଦଳୀୟ ନେତା ଓ କର୍ମୀ ଏକ ଶୋଭାଯାତ୍ରାରେ ବାହାରି ସହର ପରିକ୍ରମା କରିଥିଲେ । ସହିଦ ଲକ୍ଷ୍ମଣ ନାୟକ ଛକରେ ଉଭୟ ନେତା ରଥରୁ ଓହ୍ଲାଇ ଶହୀଦଙ୍କ ମୂର୍ତ୍ତିରେ ମାଲ୍ୟାର୍ପଣ କରି ସମ୍ମାନ ଜଣାଇଥିଲେ । ପରେ ସୌଣ୍ଡିକ ମଙ୍ଗଳ ଭବନ ପରିସରରେ ପହଞ୍ଚିବା ପରେ ଏକ ସମ୍ବର୍ଦ୍ଧନା ସଭା ଆୟୋଜିତ ହୋଇଥିଲା । ଜିଲା ସଭାପତି ଆନନ୍ଦ ଓ ମଣ୍ଡଳ ସଭାପତି ସୁବାସ ଗୌଡ଼ ନିଜର ଅଭିଭାଷଣ ପ୍ରଦାନ କରିଥିଲେ । କାର୍ଯ୍ୟକ୍ରମରେ ବରିଷ୍ଠ ନେତା ରାମକୃଷ୍ଣ ପଣ୍ଡା, ପଞ୍ଚାନନ ସାହୁ, ତ୍ରିନାଥ ପଣ୍ଡା, ମହିଳା ନେତ୍ରୀ ସୁଶୀଳା ସରାଫ, ମିଡ଼ିଆ ସେଲ ପ୍ରମୁଖ ଧନୁ କୁଶୁଲିଆ, ଆଲିବାନ ବାଗ, ଭୀମ ବେହେରା, ଟୁନା କରକରିଆ, ଭି.ଭାନୁରାଓ, ରୁଦ୍ର ମୁଗୁଲି, ସୁନ୍ଦର ରାଜୁ, ଗରିବ ଗରଡିଆ, ପ୍ରଫୁଲ୍ଲ ପୂଜାରୀ, ପ୍ରକାଶ ପ୍ରାସକା, ନରେନ୍ଦ୍ର ନାଗ, ମୀନ ଗୌଡ଼, ବୁଦ୍ଧିଆ ଗୌଡ଼ ପ୍ରମୁଖ କାର୍ଯ୍ୟକ୍ରମ ପରିଚାଳନାରେ ସହଯୋଗ କରିଥିଲେ ।

# ଅନନ୍ତ ବାସୁଦେବ ମନ୍ଦିର ନିର୍ମାଣ ପାଇଁ ନିଷ୍ପତ୍ତି



ବୈଠକରେ ଉପସ୍ଥିତ ବ୍ରାହ୍ମଣ ସମାଜ କର୍ମକର୍ତ୍ତା ।

ଗୁଣପୁର,୧୬।୩ (ପ୍ରଦୀପ କୁମାର ପାଢୀ)

**ବ୍ରାହ୍ମଣ ସମାଜ ବୈଠକ**

ରାୟଗଡ଼ା ଜିଲା ଗୁଣପୁର କଲେଜ ନିକଟସ୍ଥ ଶ୍ରୀ କାଶୀ ବିଶ୍ୱନାଥ ମନ୍ଦିରରେ ରବିବାର ବ୍ରାହ୍ମଣ ସମାଜ ପକ୍ଷରୁ ଏକ ସାଧାରଣ ପରିଷଦ ବୈଠକ ଅନୁଷ୍ଠିତ ହୋଇଯାଇଛି । ସମାଜର ସଭାପତି ପ୍ରଶାନ୍ତ ମିଶ୍ରଙ୍କ ସଭାପତିତ୍ୱରେ ଅନୁଷ୍ଠିତ ଏହି ବୈଠକରେ ସଂଘର ଜୋନ୍‌ମାନଙ୍କର କାୟା ବିସ୍ତାର କରିବା, ଜୁନ୍ ପ୍ରଥମ ସପ୍ତାହରେ ସାମୂହିକ ବ୍ରତୋପନୟନ କରିବା ଓ ସହରରେ ଏକ ଅନନ୍ତ ବାସୁଦେବ ମନ୍ଦିର ନିର୍ମାଣ କରିବା ଉପରେ ଆଲୋଚନା ହୋଇଥିଲା । ଏହି ଆଲୋଚନାରେ ସମାଜର ଶକ୍ତି ବୃଦ୍ଧି କିପରି ହେବ ଓ ସେବା କାର୍ଯ୍ୟକୁ ଆହୁରି ଅଧିକ କିପରି କରାଯାଇପାରିବ ସେ ନେଇ ମଧ୍ୟ ସଭ୍ୟମାନେ ମତ ଦେଇଥିଲେ । ବୈଠକରେ ଅନ୍ୟମାନଙ୍କ ମଧ୍ୟରେ ସମାଜର କାର୍ଯ୍ୟକାରୀ ସଭାପତି ଦୁର୍ଗା ପାଣିଗ୍ରାହୀ, ସମ୍ପାଦକ ଗଜା ପାଳ, ଉପଦେଷ୍ଟା ଗଣେଶ ରଥ ଓ ନୃସିଂହ ଶତପଥି ମଞ୍ଚାସୀନ ଥିଲେ । ବରିଷ୍ଠ ସଦସ୍ୟ ସୂର୍ଯ୍ୟ ରଥ, ନବୀନ ପାଢୀ, ପତିତପାବନ ପାଢୀ, ଗୌରୀ ତ୍ରିପାଠୀ, ଗୌରୀ ରଥ, ଗଣେଶ୍ୱର ଶତପଥି, ଡ. ସୂର୍ଯ୍ୟ ନାରାୟଣ ପଣ୍ଡା, ଗଙ୍ଗାଧର ମହାପାତ୍ର, ତିରୁପତି ମହାନ୍ତି, ସଦା ପଣ୍ଡା, ଗୋପାଳ ପାଣିଗ୍ରାହୀ, ପୂର୍ଣ୍ଣ ଚନ୍ଦ୍ର ହୋତା ପ୍ରମୁଖ ଉପସ୍ଥିତ ଥିଲେ । ଉମା ଦାସ ସଂଯୋଜନା କରିଥିବା ବେଳେ ଜିତେନ୍ଦ୍ର ଶତପଥି ଧନ୍ୟବାଦ ଅର୍ପଣ କରିଥିଲେ । ଡ. ପ୍ରଶାନ୍ତ କୁମାର ହୋତା ପ୍ରାରମ୍ଭିକ ସୂଚନା ପ୍ରଦାନ କରିଥିଲେ ।

# ଗୋପୀନାଥଙ୍କ ଯାତ୍ରା ପାଇଁ ଲିହୁରି ଷ୍ଟେଶନରେ ରହିବ ଦ୍ରୁତଗାମୀ ଟ୍ରେନ୍

ଗୁଣପୁର, ୧୬।୩(ପ୍ରଦୀପ କୁମାର ପାଢ଼ୀ)

ରାୟଗଡ଼ା ଜିଲା ସୀମାନ୍ତ ଆନ୍ଧ୍ରର ଲିହୁରିଠାରେ ପ୍ରଭୁ ଶ୍ରୀ ଗୋପୀନାଥଙ୍କ ଦୋଳ ଯାତ୍ରା ପାଇଁ ଉତ୍ସବମୁଖର ହୋଇଉଠିଛି । ଶ୍ରୀ ଗୋପୀନାଥଙ୍କ ୯ ଦିନ ଯାତ୍ରାରେ ଓଡ଼ିଶା ସମେତ ଆନ୍ଧ୍ର ଏବଂ ଅନ୍ୟାନ୍ୟ ଅଞ୍ଚଳରୁ ଲକ୍ଷାଧିକ ଭକ୍ତଙ୍କ ସମାଗମ ହୁଏ । ଏହାକୁ ଦୃଷ୍ଟିରେ ରଖି ପୂର୍ବତଟ ରେଳ ବିଭାଗର ୱାଲଟିୟର ଡିଭିଜନ ପକ୍ଷରୁ ଭକ୍ତ ତଥା ଯାତ୍ରୀଙ୍କ ହିତକୁ ଦୃଷ୍ଟିରେ ରଖି ଆସନ୍ତା ୨୩ ତାରିଖ ପର୍ଯ୍ୟନ୍ତ ଲିହୁରୀ ଷ୍ଟେଶନଠାରେ ଦ୍ରୁତଗାମୀ ଟ୍ରେନ୍‌ଗୁଡ଼ିକ ଦୁଇ ମିନିଟ ରହଣି ପାଇଁ ସ୍ଥିର କରାଯାଇଛି । ପୂର୍ବରୁ ଏଠାରେ ପାସେଞ୍ଜର ଟ୍ରେନଗୁଡ଼ିକ ରହଣି କରୁଥିଲା । ତେବେ ଦୋଳଯାତ୍ରା ପାଇଁ ଦ୍ରୁତଗାମୀ ଟ୍ରେନ ଗୁଡ଼ିକ ମଧ୍ୟ ରହଣି ପାଇଁ ସ୍ଥିର କରାଯାଇଛି । ଯାହାକୁ ନେଇ ସାଧାରଣରେ ସ୍ୱାଗତ କରଯାଇଛି ।


ରାୟଗଡ଼ା ଜିଲା କାଶୀପୁର ବ୍ଲକ ଟିକିରି ଜଗନ୍ନାଥ ମନ୍ଦିରରେ ଦୋଳ ପୂର୍ଣ୍ଣିମା ଅବସରରେ ଅଷ୍ଟପ୍ରହର ନାମ ସଙ୍କୀର୍ତ୍ତନ ପରେ କଳାକାରମାନେ ରାମ, ସୀତା ବେଶରେ ସହର ପରିକ୍ରମା କରୁଛନ୍ତି । (ଫଟୋ- ପ୍ରଫୁଲ୍ଲ କୁମାର ବେହେରା)

# ରାଜ୍ୟସ୍ତରୀୟ କବିତା ପାଠୋତ୍ସବ



ସମ୍ବର୍ଦ୍ଧିତ ହୋଇଥିବା ଅତିଥି ଏବଂ କବି, କବୟିତ୍ରୀ ।

ପଦ୍ମପୁର,୧୬।୩ (ପ୍ରଶାନ୍ତ କୁମାର କର)

ରାୟଗଡ଼ା ଜିଲା ପଦ୍ମପୁର ବ୍ଲକସ୍ଥିତ ଅଭ୍ୟାସ ଟେକ୍ନୋ ସ୍କୁଲ ପରିସରରେ ରାଜ୍ୟସ୍ତରୀୟ କବିତା ପାଠୋତ୍ସବ ଅନୁଷ୍ଠିତ ହୋଇଯାଇଛି । ବିଦ୍ୟାଳୟର ଅଧ୍ୟକ୍ଷ ଦିବ୍ୟ ଦେବାଶିଷ ଦୁବେ ଓ ବିଦ୍ୟାଳୟର ସମ୍ପାଦକ ଲାଡି ତୁକାରାମ, ଶିକ୍ଷୟିତ୍ରୀ ଗାୟତ୍ରୀ ପଣ୍ଡା ଓ ମୁରଲୀ ଓଡ଼ିଙ୍କ ସଭାପତିତ୍ୱରେ ରଙ୍ଗାରଙ୍ଗ ମଞ୍ଚରେ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା । ଉକ୍ତ କାର୍ଯ୍ୟକ୍ରମରେ ସମ୍ମାନିତ ଅତିଥି ଭାବେ ନବରଙ୍ଗପୁରର ଅତିରିକ୍ତ ଜିଲାପାଳ ଆଶୁତୋଷ ପାତ୍ର, ରାମନାଗୁଡା ତହସିଲଦାର ପ୍ରାଣକୃଷ୍ଣ ପାଣିଗ୍ରାହୀ, ପଦ୍ମପୁର ତହସିଲଦାର ଶଙ୍କର ବାଗ, ଗଞ୍ଜାମ ଜଲା ଖଲ୍ଲିକୋଟ ଡିଆଇଇଟିରେ ପ୍ରଶିକ୍ଷିକା ଜୟନ୍ତୀ ବେହେରା, ସାହିତ୍ୟିକ ଭାଗିରଥି ବେହେରା, ପ୍ରଭାତ କୁମାର ଶତପଥୀ, ରୂପେଶ ସାହୁ, ସୀମାଞ୍ଚଳ କର, ଗୁଣପୁରର ବି.ଆଇ.ଇ.ଟି ଅବସରପ୍ରାପ୍ତ ଶିକ୍ଷକ ତଥା ସାହିତ୍ୟିକ ପ୍ରତାପ ରାୟ, କବି , ସାହିତ୍ୟିକ ତଥା ଶିକ୍ଷକ ଅଶ୍ୱିନୀ ତ୍ରିପାଠୀ, ଦିଲୀପ କୁମାର କର ଓ ରମେଶ ମିଶ୍ର ପ୍ରମୁଖ ମଞ୍ଚାସୀନ ଥିଲେ । ରାଜ୍ୟର ବିଭିନ୍ନ ସ୍ଥାନରୁ ଆସିଥିବା କବି ଓ କବୟିତ୍ରୀମାନେ ନିଜ ନିଜର ସ୍ୱରଚିତ କବିତା ପାଠ କରିବା ପରେ ନିମନ୍ତ୍ରିତ ଅତିଥିମାନେ ସେମାନଙ୍କୁ ମାନପତ୍ର ଦେଇ ସମ୍ବର୍ଦ୍ଧିତ କରିଥିଲେ । ପରେ ବିଦ୍ୟାଳୟର ଛାତ୍ରୀଛାତ୍ର ଆଖିରେ ଅନ୍ଧପୁଟୁଳି ବାନ୍ଧି ବିଭିନ୍ନ ରଙ୍ଗ, ଅକ୍ଷର, ବସ୍ତୁଗୁଡ଼ିକୁ ଚିହ୍ନି ସମସ୍ତଙ୍କୁ ମନ୍ତ୍ରମୁଗ୍ଧ ଓ ସ୍ତମ୍ଭିଭୂତ କରିଥିଲେ ।

# ଅଧାପନ୍ତରିଆ ଯାତ୍ରୀ ବିଶ୍ରାମାଗାର

ଗୁଡାରି,୧୬।୩ (ପ୍ରମୋଦ କୁମାର ପତି)

ପଥପ୍ରାନ୍ତ ଯାତ୍ରୀଙ୍କ ନିମନ୍ତେ ଗୁଡାରି ଏନ୍ଏସି ପକ୍ଷରୁ ସ୍ଥାନୀୟ ବଂଶଧାରା ନଦୀ ସେତୁ ନିକଟରେ ଏକ ଯାତ୍ରୀ ବିଶ୍ରାମଗାର ନିର୍ମାଣାଧୀନ ରହିଛି । ଦୀର୍ଘ ଦିନ ବିତି ଯାଇଥିଲେ ମଧ୍ୟ ଏହି ବିଶ୍ରାମଗାରର ଛାତ ପକାଯାଇନାହିଁ । ଗୁଡାରି ଅଞ୍ଚଳର ଏକ ମୁଖ୍ୟ ରାସ୍ତା ତଥା ବର୍ତ୍ତମାନ ଖରାର ପ୍ରକୋପ ଦିନକୁ ଦିନ ବଢୁଥିବାରୁ ଏଠାରେ ଯାତ୍ରୀ ବିଶ୍ରାମଗାର ଓ ଜଳ ଛତ୍ର ନିତ୍ୟାନ୍ତ ଆବଶ୍ୟକ ରହିଛି । ଏହି ରାସ୍ତାରେ ପ୍ରତିଦିନ ବସ୍, ଗାଡି ଯାତାୟାତ କରିଥାନ୍ତି ଏବଂ ଏହି ନିର୍ମାଣାଧୀନ ବିଶ୍ରାମଗାର ନିକଟରେ ଲୋକମାନେ ବସ୍‌କୁ ଅପେକ୍ଷା କରିଥାନ୍ତି । ବିଶ୍ରାମଗାରର ଛାତ ପଡ଼ି ନ ଥିବା ଏବଂ ଖରାରୁ ରକ୍ଷା ପାଇବା


ଛାତ ନ ଥିବା ଯାତ୍ରୀ ବିଶ୍ରାମାଗାର ।

**ତୁରନ୍ତ ଛାତ ପକାଇବାକୁ ଦାବି**

ନିମନ୍ତେ ପାଖରେ କୌଣସି ସୁବିଧା ନ ଥିବାରୁ ଅପେକ୍ଷାରତ ଯାତ୍ରୀ ନାହିଁ ନ ଥିବା ଅସୁବିଧାର ସମ୍ମୁଖୀନ ହୋଇଥାନ୍ତି । ଖୁବଶୀଘ୍ର ଯାତ୍ରୀ ବିଶ୍ରାମାଗାର ଛାତ ପକେଇବା ପାଇଁ ସାଧାରଣରେ ଦାବି ହେଉଛି । ବାରମ୍ବାର ଦାବି ସତ୍ତ୍ୱେ ଏନ୍ଏସି କର୍ତ୍ତୃପକ୍ଷ ଏ ଦିଗରେ ଦୃଷ୍ଟି ଦେଉ ନ ଥିବା ଅଭିଯୋଗ ହେଉଛି । କାର୍ଯ୍ୟ ତଦାରଖ କରୁଥିବା ସମ୍ପୃକ୍ତ ଯନ୍ତ୍ରୀ ମଧ୍ୟ କେଉଁ ପରିସ୍ଥିତିରେ ଛାତ ପକେଇବା କାର୍ଯ୍ୟ ଦେଖିନାହାନ୍ତି ସେ ନେଇ ପ୍ରଶ୍ନବାଚୀ ସୃଷ୍ଟି ହୋଇଛି । ଏ ସମ୍ପର୍କରେ ଏନ୍ଏସି କାର୍ଯ୍ୟ ନିର୍ବାହୀ ଅଧିକାରୀ ପ୍ରସନ୍ନ କୁମାର ପାଢ଼ୀଙ୍କୁ ପଚାରିବାରୁ ଏକ ସପ୍ତାହ ମଧ୍ୟରେ ଯାତ୍ରୀ ବିଶ୍ରାମାଗାର କାର୍ଯ୍ୟ ସମାପ୍ତ ହେବ ବୋଲି ସୂଚନା ଦେଇଛନ୍ତି ।

# ନେତାଜୀ ସଂଯୁକ୍ତ ପ୍ରଭାତ ଶାଖାର ବାର୍ଷିକ ଉତ୍ସବ

ମୁନିଗୁଡ଼ା,୧୬।୩ (ନନ୍ଦ କିଶୋର ପଟ୍ଟନାୟକ)

ମୁନିଗୁଡ଼ାର ପାଇକସାହିସ୍ଥିତ ମହାଲକ୍ଷ୍ମୀ ପୂଜା ପଡିଆରେ ନେତାଜୀ ସଂଯୁକ୍ତ ପ୍ରଭାତ ଶାଖାର ବାର୍ଷିକ ଉତ୍ସବ ଅନୁଷ୍ଠିତ ହୋଇଯାଇଛି । ବୁଲୁ ଦୋରାଙ୍କ ଦ୍ୱାରା ଧ୍ୱଜା ରୋପଣ କରାଯାଇ ମୁଖ୍ୟ ଶିକ୍ଷକ ଆଶୁତୋଷ ପାଣିଗ୍ରାହୀଙ୍କ ଦ୍ୱାରା ଧ୍ୱଜ ପ୍ରଣାମ କରାଯାଇଥିଲା । ପରେ ଶାଖାର ଗଣଶିକ୍ଷକ ଶୁଭମ ପାଣିଗ୍ରାହୀ ଉପସ୍ଥିତ ସ୍ୱୟଂ ସେବକଙ୍କୁ ସୂର୍ଯ୍ୟ ନମସ୍କାର, ବିଭିନ୍ନ ଆସନ, ବ୍ୟାୟାମ ଓ ଦଣ୍ଡ ଚାଳନା ଶିକ୍ଷା ପ୍ରଦାନ କରିଥିଲେ । ଏ ଉତ୍ସବରେ ଅତିଥିଭାବେ ସଂଘର ବରିଷ୍ଠ କାର୍ଯ୍ୟକର୍ତ୍ତା ମନୋରଞ୍ଜନ ଦଳାଇ, ଅଶ୍ୱିନୀ ବାରିକ, ଜିଲା ସେବା ପ୍ରମୁଖ ବାମଦେବ ପଟ୍ଟନାୟକ ଓ ଜିଲା କୁଟୁମ୍ବ ପ୍ରବୋଧନ ପ୍ରମୁଖ ରାମକୃଷ୍ଣ ପାଣିଗ୍ରାହୀ ପ୍ରମୁଖ ଉପସ୍ଥିତ ରହି କାର୍ଯ୍ୟକ୍ରମର ଶୁଭାରମ୍ଭ କରିଥିଲେ । ଅମୃତ ବଚନ, ସାମୂହିକ ଦେଶ ବନ୍ଦନା, ବାର୍ଷିକ ବିବରଣୀ ପାଠ ଓ ଅତିଥି ପରିଚୟ ଖଣ୍ଡ ବୌଦ୍ଧିକ ପ୍ରମୁଖ କବିରାଜ ପ୍ରଦୀପ ସାହୁ ପ୍ରଦାନ କରିଥିଲେ । ପରେ ଅତିଥିମାନେ ସ୍ୱୟଂ ସେବକ ମାନଙ୍କ ଭୂମିକା, ଲକ୍ଷ୍ୟପ୍ରାପ୍ତି ଓ ତ୍ୟାଗ, ତପସ୍ୟା, ବଳିଦାନର ଇତିହାସ ଉପରେ ମାର୍ଗଦର୍ଶନ କରିଥିଲେ । ଶେଷରେ ସଂଘର ପ୍ରାର୍ଥନା ଗାନ ଏବଂ ଧ୍ୱଜ ପ୍ରଣାମ ପରେ ଧ୍ୱଜ ଅବତରଣ କରାଯାଇଥିଲା । ଉକ୍ତ କାର୍ଯ୍ୟକ୍ରମରେ ଉମା ଶଙ୍କର ବେରଦଳେଇ, ଗିରିଜା ଶଙ୍କର ମିଶ୍ର, ବିରଭଦ୍ର ଅଚାରୀ, ଭରତ ନାୟକ, ଭଗବାନ ବିଶ୍ୱାଳ, ଟି.ସୁରଜ, ପଞ୍ଚାନନ ସାହୁ, ସୋମନାଥ ପାଣିଗ୍ରାହୀ, ବିଶ୍ୱନାଥ ସେଠୀ, ଦେବେନ୍ଦ୍ର ଦଳପତି, ଶୁଭମ ପଟ୍ଟନାୟକ, ଚିନ୍ମୟ ପାତ୍ର, ଅଂଶୁମାନ ବେରଦଳେଇ, ରାଜୀସ୍ୱସୟଂସେବକ ପରିଚାଳନାରେ ସହଯୋଗ କରିଥିଲେ ।


କାର୍ଯ୍ୟକ୍ରମରେ ଉପସ୍ଥିତ ସ୍ୱୟଂ ସେବକ ଓ ପିଲାମାନେ ।

# ମୁକୁଳା ପଡ଼ିଛି ବିଦ୍ୟୁତ୍ ସବ୍‌ଷ୍ଟେଶନ

ଗୁଣପୁର,୧୬।୩ (ପ୍ରଦୀପ କୁମାର ପାଢ଼ୀ)

ମୁକୁଳା ପଡିଛି ବିଦ୍ୟୁତ୍ ସବ୍ ଷ୍ଟେଶନ । ସେଠାରେ ରହିଛି ୧୦୦ କେ.ଭି.ର ଦୁଇଟା ଟ୍ରାନ୍ସଫର୍ମର । ଉପରେ ଯାଇଛି ୧୧ କେଭି ଉଚ୍ଚ ଶକ୍ତିସମ୍ପନ୍ନ ତାର । ତଳେ ମଧ୍ୟ କେତେକ ତାର ଝୁଲିଛି, ଲାଇନ ଲାଗିଛି । ହେଲେ ଏହା ଚାରିପଟେ ପାଚେରି ହୋଇନି କି ତାରରେ ଆବଦ୍ଧ କରାଯାଇନାହିଁ । ଏପରି ବିପଦସଙ୍କୁଳ ଅବସ୍ଥାରେ ବିଦ୍ୟୁତ୍ ସବ୍ ଷ୍ଟେଶନ ରହିଥିବା ଦେଖିବାକୁ ମିଳିଛି ଗୁଣପୁର ସହର ଶିବାନନ୍ଦ ମନ୍ଦିର ଛକରୁ ହଳଦିଆ ନାଳ ପଟକୁ ଯିବା ରାସ୍ତାର ଡାହାଣ ପାର୍ଶ୍ୱରେ । ଏଠାରେ ଗୋଟିଏ ମଲ୍ ଥିବାରୁ ଜନଗହଳି ହେବା ସହ ପାର୍କିଂ ଭିଡ ରହେ । ଏହି ସ୍ଥାନରୁ ପ୍ରତିଦିନ ଛାତ୍ରୀଛାତ୍ର ବସ୍‌ରେ ବିଭିନ୍ନ ଶିକ୍ଷାନୁଷ୍ଠାନକୁ ଯାଉଛନ୍ତି । ରାତି ହେଲେ ଏଠାରେ ଗୋରୁଙ୍କ ଭିଡ଼ । ଅଟୋ ଷ୍ଟପେଜ ସ୍ଥାନ ମଧ୍ୟ ଏଇଠି । ତଥାପି ଏଠାରେ ପାଚେରି ନିର୍ମାଣ କରାଯାଉନି କି ସବ୍‌ଷ୍ଟେଶନ ସ୍ଥାନାନ୍ତର କରାଯାଉ ନାହିଁ । ବାରମ୍ବାର ଏହି ବିପଦସଙ୍କୁଳ ଅବସ୍ଥାରେ ଥିବା ସବ୍ ଷ୍ଟେଶନକୁ ସ୍ଥାନାନ୍ତର କରିବାକୁ ସ୍ଥାନୀୟ ଲୋକେ ଲିଖିତ ଭାବେ ପୌର କର୍ତ୍ତୃପକ୍ଷ ଏଂ ଟାଟା ପାୱାର କର୍ତ୍ତୃପକ୍ଷଙ୍କୁ ଜଣାଇଥିଲେ ମଧ୍ୟ କେହି ଦୃଷ୍ଟି ଦେଉ ନ ଥିବା ଅଭିଯୋଗ ହୋଇଛି । କେତେବେଳେ ଯେ ଏକ ବଡ ବିପଦପୂର୍ଣ୍ଣ ଘଟଣା ଘଟିବ ତାହାକୁ ଏଡାଇ ଦିଆଯାଇ ନ ପାରେ । ଟାଟା ପାୱାର ଓ ପୌର କର୍ତ୍ତୃପକ୍ଷ ଏ ଦିଗରେ ଦୃଷ୍ଟି ଦେବାକୁ ଦାବି ହୋଇଛି ।


ଖୋଲା ହୋଇରହିଥିବା ଟ୍ରାନ୍ସଫର୍ମର ।

# ୬୬୦ କେଜି ଗଞ୍ଜେଇ ଜବତ, ୬ ଗିରଫ

ରାୟଗଡ଼ା,୧୬।୩(ଆଶିଷ ରଞ୍ଜନ ପଣ୍ଡା)

- ପୋଲିସ ପଞ୍ଝାରେ ଗଞ୍ଜେଇ ମାଫିଆ
- ୨ ଗାଡ଼ି, ୫ ମୋବାଇଲ ସହ ବନ୍ଧୁକ ଓ ଗୁଳି ଜବତ

ରାୟଗଡ଼ା ଟାଉନ ଥାନା ପୋଲିସ ପଞ୍ଝାରେ ଧରା ପଡ଼ିଲେ ଗଞ୍ଜେଇ ମାଫିଆ । ବୋଲେରୋ ପିକ୍ଅପ ଏବଂ ଏକ ଧଳା ରଙ୍ଗର କାରରେ ଗଞ୍ଜେଇ ଚାଲାଣ କରାଯାଉଥିବାବେଳେ ପୋଲିସ ଚଢ଼ାଉ କରି ୬୬୦ କେଜି ଗଞ୍ଜେଇ ଜବତ କରିଛି । ଏଥିସହିତ ଗୋଟିଏ ବୋଲେରୋ ପିକ୍ଅପ, କାର ସହ ଗୋଟିଏ ପିସ୍ତଲ, ଦୁଇଟି ଗୁଳି ଏବଂ ୫ଟି ମୋବାଇଲ ଜବତ କରିଛି । ଗଞ୍ଜେଇ ଚୋରାଚାଲାଣରେ ସମ୍ପୃକ୍ତ ୬ ଜଣଙ୍କୁ ଟାଉନ ଥାନା ପୋଲିସ ଗିରଫ କରିଛି । ଜବତ ଗଞ୍ଜେଇର ଆନୁମାନିକ ମୂଲ୍ୟ ୧ କୋଟି ୩୨ ଲକ୍ଷ ବୋଲି ପୋଲିସ ସୂଚନା ଦେଇଛି । ଗିରଫ ଅଭିଯୁକ୍ତ ହେଲେ ରାୟଗଡ଼ା ସହର ନୂଆସାହିର ଆର. ଅମଲରାଜ, ଆର


ଜବତ ଗଞ୍ଜେଇ ସହ ଗିରଫ ଅଭିଯୁକ୍ତ ।

ଅବିନାଶ, ଆର ଆନନ୍ଦ, ବିଷମକଟକ ଥାନା ନିର୍ଗୁଣ୍ଡି ଗ୍ରାମର ରଞ୍ଜିତ କରକରିଆ, କୋରାପୁଟ ଥାନାର ମଜିବୁଲ ହକ୍ ଅଲ୍ଲୀ ଓ କୋରାପୁଟର ଏ ବିନୋଦ କୁମାର ।

ଘଟଣାରୁ ପ୍ରକାଶ ଯେ, ଶୁକ୍ରବାର ମଧ୍ୟାହ୍ନ ପ୍ରାୟ ୧.୪୫ ସମୟରେ ଟାଉନ ଥାନା ଏସ୍ଆଇ ଏସ୍.କେ. ମୁର୍ମୁ ଓ ପୋଲିସ ଟିମ୍ ରାୟଗଡ଼ାରୁ ହାଲୁଆ ମଧ୍ୟରେ ପାଟ୍ରୋଲିଂ କରିବା ବେଳେ ଆଶୀର୍ବାଦ ଢାବା ନିକଟରେ ଏକ ବୋଲେରୋ ପିକ୍ଅପ ଗାଡ଼ି ଯିବା ସମୟରେ ଅଟକାଇ ଯାଞ୍ଚ କରିଥିଲେ । ଯାଞ୍ଚ ବେଳେ ସେଥିରେ ୨୨ କେଜି ଓଜନ ୩୦ଟି ଗଞ୍ଜେଇ ପ୍ୟାକେଟ ଥିବା ଦେଖିବାକୁ ପାଇଥିଲେ । ଏହାପରେ ସେମାନଙ୍କୁ ଗିରଫ କରି ଥାନାକୁ ଆଣି ପଚଉଚୁରା ବେଳେ ଏହି ଗଞ୍ଜେଇ ଚନ୍ଦ୍ରପୁର ବ୍ଲକର ଦୁର୍ଗମ ଗାଁରୁ ଆଣିଥିବା ଏବଂ ଛତିଶଗଡର ରାୟପୁରକୁ ପଠାଉଥିବା ସ୍ୱୀକାର କରିଥିଲେ । ଗିରଫ ସମସ୍ତଙ୍କୁ ଶୁକ୍ରବାର କୋର୍ଟ ଚାଲାଣ କରାଯାଇଥିବା ଆଇଆଇସି କେକେବିକେ କହିଁର ସୂଚନା ଦେଇଛନ୍ତି ।

## ସଂକ୍ଷେପରେ

### ହୃଦ୍‌ଘାତରେ କନିଷ୍ଠ ଯନ୍ତ୍ରୀଙ୍କ ମୃତ୍ୟୁ

କାଲିମେଳା, ୧୬।୩(ଜୀବନ କୃଷ୍ଣ ଦାସ)

କାଲିମେଳା ବ୍ଲକ ଭେଜାଙ୍ଗିୱାଡା ଓ ଗୁମ୍ମାକୋଣ୍ଡା ପଞ୍ଚାୟତ କନିଷ୍ଠ ଯନ୍ତ୍ରୀ ବିବେକାନନ୍ଦ ପ୍ରଧାନଙ୍କର ଶନିବାର ସକାଳେ ହୃଦ୍‌ଘାତରେ ମୃତ୍ୟୁ ହୋଇଛି। ଭୋରରୁ ଛାତିରେ ଯନ୍ତ୍ରଣା ଅନୁଭବ କରିବାରୁ ପାଖରେ ଥିବା ପରିସଂଖ୍ୟାନ ବିଭାଗ କର୍ମଚାରୀ ଜୟ କୃଷ୍ଣ ମେହେରଙ୍କୁ ମେଡିକାଲ ନେବା ପାଇଁ କହିଥିଲେ। ଆମ୍ବୁଲାନ୍ସ ଡାକି ମେଡିକାଲ ନେବା ବାଟରେ ପ୍ରଧାନଙ୍କର ମୃତ୍ୟୁ ହୋଇଯାଇଥିଲା । କାଲିମେଳା ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ ଡାକ୍ତର ତାଙ୍କୁ ମୃତ ଘୋଷାଣ କରିଥିଲେ । ବ୍ୟବଚ୍ଛେଦ ପରେ ମୃତଦେହ କାଲିମେଳା ସ୍ୱାସ୍ଥ୍ୟକେନ୍ଦ୍ରରେ ରଖାଯାଇଛି। ତାଙ୍କ ଘର କେଉଁଝରରେ ହୋଇ ଥିବାବେଳେ ପରିବାର ଲୋକଙ୍କୁ ବ୍ଲକ ପକ୍ଷରୁ ଖବର ଦିଆଯାଇଛି, ଆସିଲେ ମୃତଦେହ ହସ୍ତାନ୍ତର କରାଯିବ। ସୂଚନାଯୋଗ୍ୟ, ସେ ଭେଜିଙ୍ଗିୱାଡା ଓ ଗୁମ୍ମାକୋଣ୍ଡା ପଞ୍ଚାୟତ ଦାୟିତ୍ୱରେ ଥିବା ବେଳେ ମାର୍ଚ୍ଚ ୧ରୁ କୋଇମେଟଲା ଏବଂ ଭେଙ୍କଟପଲମ ପଞ୍ଚାୟତ ପାଇଁ ଅତିରିକ୍ତ ଦାୟିତ୍ୱ ପ୍ରଦାନ କରାଯାଇଥିଲା। ପ୍ରଧାନ କାଲିମେଳା ବ୍ଲକରେ ୩ ବର୍ଷ ଧରି କାର୍ଯ୍ୟକରି ଆସୁଥିବା ବେଳେ ୨ ମାସ ପରେ ଅବସର ନେଇଥାନ୍ତେ ।

### ମାଲକାନଗିରିରେ ଦୋଳ ପୂର୍ଣ୍ଣିମା, ହୋଲି ପାଳିତ

ମାଲକାନଗିରି, ୧୬।୩(ନୃସିଂହ ଚରଣ ମହାନ୍ତି)

ଆଦିବାସୀ ଅଧ୍ୟୁଷିତ ମାଲକାନଗିରି ଜିଲାରେ ରଙ୍ଗର ପର୍ବ ହୋଲି ପାଳିତ ହୋଇଯାଇଛି। ଜାତି, ବର୍ଣ୍ଣ ଓ ଧର୍ମ ନିର୍ବିଶେଷରେ ନିଜ ନିଜ ମଧ୍ୟରେ ଅବୀର ବୋଳି ନାଚଗୀତରେ ପାଳିଛନ୍ତି ଏହି ପର୍ବ। କାଲିମେଳା ବ୍ଲକ ବଦଲି ପଞ୍ଚାୟତ ପୋଟେରୁରେ ନରନାରାୟଣ ସେବାଶ୍ରମ ତରଫରୁ ଏହାକୁ ସ୍ୱତନ୍ତ୍ର ଭାବେ ପାଳନ କରାଯାଉ ଆସୁଛି। ସେହିପରି ଜିଲା ସଦରରେ ଚା ଖଟି ଗ୍ରୁପ୍ ଓ ଫ୍ରେଣ୍ଡସ ଗ୍ରୁପ୍ ପକ୍ଷରୁ ହର୍ବାଲ ଅବୀରରେ ନିଆରା ଭାବେ ହୋଲିଖେଳ ଅନୁଷ୍ଠିତ ହୋଇଥିଲା। ପ୍ରଥା ଓ ପରମ୍ପରା ଅନୁଯାୟୀ ଦହି ହାଣ୍ଡି ବାନ୍ଧି ଏହାକୁ ଯୁବକମାନେ ଫଟାଇବା ସହ ଲୋକଙ୍କୁ ହୋଲିର ଶୁଭକାମନା ଜଣାଇଥିଲେ। ସେହିପରି ଜିଲାପାଳ ଓ ଏସ୍‌ପିଙ୍କ ଆବାସିକ କାର୍ଯ୍ୟାଳୟରେ ଜିଲାସ୍ତରୀୟ ଅଧିକାରୀମାନେ ହୋଲି ଉତ୍ସବ ମନାଇଛନ୍ତି। ସମସ୍ତେ ବାଦ୍ୟ ଓ ନୃତ୍ୟର ତାଳେ ତାଳେ ଉତ୍ସବକୁ ପାଳନ କରିଛନ୍ତି। ଜିଲାରେ ଥିବା ଗୁରୁପ୍ରିୟା, ସପ୍ତଧାରା, ସିଲେରୁ, ଶହୀଦ ଲକ୍ଷ୍ମଣ ନାୟକ, ମାଲ୍ୟବନ୍ତ ଓ ନବପ୍ରଭାତ ଛାତ୍ରାବାସର ପ୍ରାୟ ୬୦୦ରୁ ଉର୍ଦ୍ଧ୍ୱ ଛାତ୍ରୀଛାତ୍ରଙ୍କ ସହ ଜିଲାସ୍ତରୀୟ ଅଧିକାରୀ ଓ ଶିକ୍ଷୟିତ୍ରୀ ଶିକ୍ଷକମାନେ ହୋଲିର ମଜା ନେଇଥିଲେ।

### ବଟି ଆଦାୟ ବେଳେ ୩ ଯୁବକଙ୍କୁ ବାନ୍ଧିଲା ପୋଲିସ

ପୁରୁଷୋତ୍ତମପୁର, ୧୬।୩ (ସିମାଞ୍ଚଳ ମିଶ୍ର)

ପୁରୁଷୋତ୍ତମପୁର ଥାନା ଅନ୍ତର୍ଗତ ଭୂତସରସିଙ୍ଗିଠାରେ ରାସ୍ତାରେ ଯାଉଥିବା ଗାଡ଼ିକୁ ଅଟକାଇ ବଟି ଆଦାୟ ବେଳେ ୩ଯୁବକଙ୍କୁ ପୋଲିସ ଗିରଫ କରି ଶନିବାର କୋର୍ଟ ଚାଲାଣ କରିଛି। ସେମାନେ ହେଲେ ଭୂତସରସିଙ୍ଗି ଗ୍ରାମର ସନ୍ତୋଷ ସେଠୀ, କୈଳାଶ ଦଳେଇ ଓ କିରଣ ଜେନା। ଆନ୍ଧ୍ରପ୍ରଦେଶ ପ୍ରକାଶମ ଜିଲା କୋଣ୍ଡାପି ଥାନା ଅନ୍ତର୍ଗତ ପିଟିଲୁରୁ ଗ୍ରାମର ୱାଇ.ଇ ହୋସେଭେରା ବ୍ରହ୍ମପୁର ଠାରୁ ମଇଁଷି କିଣି ଏକ ଗାଡ଼ିଯୋଗେ ଶୁକ୍ରବାର ନେଉଥିବା ବେଳେ ଭୂତସରସିଙ୍ଗି ଠାରେ ଏହି ଯୁବକମାନେ ଅଟକାଇ ଧମକଦେଇ ବଟି ମାଗିବା ସହ ତାଙ୍କ ଠାରୁ ମୋବାଇଲ ଓ ଟଙ୍କା ଛଡାଇ ନେଇଥିଲେ।

### ସମୁଦ୍ରରେ ବୁଡି ଛାତ୍ର ମୃତ

ଛତ୍ରପୁର/ଗଞ୍ଜାମ, ୧୬।୩
(ସନ୍ତୋଷ ପାଢ଼ୀ/ବିଦ୍ୟାଧର ସାହୁ)

ଗଞ୍ଜାମ ଜିଲା ରମ୍ଭା ଥାନା ଅନ୍ତର୍ଗତ ପୋଡ଼ମପେଟା ଗ୍ରାମରେ ଶନିବାର ହୋଲି ଖେଳି ପୂର୍ବାହ୍ନ ୧୧ଟାରେ ସାଙ୍ଗମାନଙ୍କ ସମୁଦ୍ରକୁ ଗାଧୋଇ ଯାଇଥିବା ବେଳେ ୨ ଛାତ୍ର ବୁଡ଼ି ଯାଇଥିଲେ। ସେଠାରେ ଥିବା କେତେଜଣ ଯୁବକ ସେମାନଙ୍କୁ ଉଦ୍ଧାର କରି ପ୍ରଥମେ ଗଞ୍ଜାମ ଡାକ୍ତରଖାନାକୁ ନେଇଥିଲେ। ଜଣେ ଛାତ୍ରଙ୍କ ସ୍ୱାସ୍ଥ୍ୟ ଅବସ୍ଥା ସ୍ଥିର ଥିବା ବେଳେ ମତ୍ସ୍ୟଜିବୀ ବି.ବାବାଜୀଙ୍କ ପୁଅ ବି.ଚନ୍ଦନ ଓରଫ ଚନ୍ଦୁ (୧୧)ଙ୍କ ଅବସ୍ଥା ସଙ୍କଟାପନ୍ନ ହୋବରୁ ତାଙ୍କୁ ଛତ୍ରପୁର ଉପଖଣ୍ଡ ଚିକିତ୍ସାଳୟକୁ ସ୍ଥାନାନ୍ତର କରାଯାଇଥିଲା। ସେଠାରେ ଡାକ୍ତର ତାଙ୍କ ସ୍ୱାସ୍ଥ୍ୟ ଅବସ୍ଥା ଯାଞ୍ଚ କଲାପରେ ମୃତ ଘୋଷଣା କରିଥିଲେ।

# ପନିର, ଛତୁ ଖାଇ ୨୨ ଅସୁସ୍ଥ

ମାଲକାନଗିରି, ୧୬।୩(ଦୁର୍ଯ୍ୟୋଧନ ପାତ୍ର)


ମାଲକାନଗିରି ଜିଲା ମୁଖ୍ୟ ଚିକିତ୍ସାଳୟରେ ଚିକିତ୍ସିତ ହେଉଥିବା ଅସୁସ୍ଥ।

ମାଲକାନଗିରି ଜିଲା ଜୟପୁରିଆଗୁଡ଼ାରେ ପନିର ଓ ଛତୁ ଖାଇ ୨୨ ଜଣ ଅସୁସ୍ଥ ହୋଇ ଜିଲା ମୁଖ୍ୟ ଚିକିତ୍ସାଳୟରେ ଚିକିତ୍ସିତ ହେଉଛନ୍ତି। ସୂଚନା ଅନୁଯାୟୀ, ଗତ ସୋମବାର ଜୟପୁରିଆଗୁଡା ବାସିନ୍ଦା ଏକ ମିଳିତ ଭୋଜି ଆୟୋଜନକରି ବିଭିନ୍ନ ଖାଦ୍ୟ ପ୍ରସ୍ତୁତ କରିଥିଲେ। କେତେଜଣ ଆମିଷ ଖାଇବାକୁ ଥିବା ବେଳେ ଆଉ କେତେଜଣ ନିରାମିଷ ଖାଇବେ ବୋଲି ସେମାନଙ୍କ ଲାଗି ଦୋକାନରୁ ପନିର ଓ ଛତୁ ଅଣା ଯାଇଥିଲା। ଭୋଜି ପରଦିନ ଜୟପୁରିଆଗୁଡା ସାହିର ୨୨ଜଣଙ୍କର ହଠାତ୍ ପେଟବ୍ୟଥା ଓ ବାନ୍ତି ହୋଇଥିଲା। ଏହା ଦୁଇଦିନ ଧରି ଚାଲିଥିବା ବେଳେ ଗୁରୁବାର ସମସ୍ତଙ୍କୁ ଜିଲା ମୁଖ୍ୟ ଚିକିତ୍ସାଳୟରେ ଭର୍ତ୍ତି କରାଯାଇଥିଲା। ସେମାନଙ୍କ ମଧ୍ୟରୁ ୫ ଜଣ ସୁସ୍ଥ ହୋଇଥିବା ବେଳେ ୧୭ ଜଣ ଚିକିତ୍ସିତ ହେଉଛନ୍ତି। ମାଲକାନଗିରି ପୋଲିସ ଘଟଣାର ଖୋଳତାଡ କରୁଛି। କେଉଁ କାରଣରୁ ଏଭଳି ହୋଇଛି ତାହା ଜଣାପଡି ନାହିଁ।

# ୧୭ ମାଓବାଦୀଙ୍କ ଆତ୍ମସମର୍ପଣ

ମାଲକାନଗିରି, ୧୬।୩(ଦୁର୍ଯ୍ୟୋଧନ ପାତ୍ର)

ଛତିଶଗଡ଼ ବିଜାପୁର ଜିଲା ପୋଲିସ ନିକଟରେ ୧୭ ମାଓବାଦୀ ଆତ୍ମସମର୍ପଣ କରିଛନ୍ତି। ଏମାନଙ୍କ ମଧ୍ୟରୁ ୯ ଜଣଙ୍କ ଉପରେ ୨୪ ଲକ୍ଷ ଟଙ୍କାର ପୁରସ୍କାର ରାଶି ଘୋଷଣା କରାଯାଇଥିଲା। ଏମାନଙ୍କ ମଧ୍ୟରୁ ୨୦୦୭ରୁ ସକ୍ରିୟ ଥିବା ମୋଡିଅମ ବଦରୁ, ୫ ଲକ୍ଷ ପୁରସ୍କାର ଘୋଷିତ ଜ୍ୟୋତି ତାତି, ଦୁଲା କାରାମ, ଭଇମା କାରାମ, ଶଙ୍କର ଲେକାମ, ସୋମା କାରାମ, ମଙ୍ଗୁ କଡତି, ମୋତି କାରାମ ଓ ଅରବିନ୍ଦ ହେମଲା । ଏ ସମସ୍ତଙ୍କ ଉପରେ ୧ ଲକ୍ଷର ପୁରସ୍କାର ରାଶି ଘୋଷଣା କରାଯାଇଛି। ସେହିପରି ଆଇତୁ କାରାମ, ସୁକୁ ପୁନେମ, ହିଡମା ସୋଡି, ସୋମା କାରାମ, ଅର୍ଜୁନ ମଡକମ, ସୋମାରୁ ତାତି, ହୁଙ୍ଗା କାରାମ ଓ ସୋନୁ କାରାମ୍ ଆତ୍ମସମର୍ପଣ କରିଛନ୍ତି। ଛତିଶଗଡରେ ଉନ୍ନୟନମୂଳକ କାର୍ଯ୍ୟ, ପୋଲିସ ଦ୍ୱାରା ବିଭିନ୍ନ ସ୍ଥାନରେ କ୍ୟାମ୍ପ ପ୍ରତିଷ୍ଠାକରି ଉକ୍ତ ଅଞ୍ଚଳର ବିକାଶରେ ଅନୁପ୍ରାଣିତ ହୋଇ ଏମାନେ ଆତ୍ମସମର୍ପଣ କରିଛନ୍ତି।


ଆତ୍ମସମର୍ପଣ କରିଥିବା ମାଓବାଦୀ ।

### ୩ ଦିନ ହେଲା ଏଆରଟେଲ ନେଟୱର୍କ ଅଚଳ

କୋରୁକୋଣ୍ଡା, ୧୬।୩(ଶିବଦତ୍ତ ସାହୁ )

କୋରୁକୋଣ୍ଡା ବ୍ଲକ ଅଞ୍ଚଳରେ ଆଜକୁ ୩ ଦିନ ହେବ ଏୟାରଟେଲ ନେଟୱର୍କ ଅଚଳ ହୋଇପଡିଥିବାରୁ ସେବା ସମ୍ପୂର୍ଣ୍ଣ ଠପ୍ ହୋଇଯାଇଛି। ବହୁ ବର୍ଷ ହେବ କୋରୁକୋଣ୍ଡା ସଦର ମହକୁମାରେ ଏଆରଟେଲ ଟାୱାର ସ୍ଥାପନ କରାଯାଇଥିଲା। ହେଲେ କୌଣସି କାରଣ ଯୋଗୁ କୋରୁକୋଣ୍ଡାରେ ନେଟୱର୍କ ଆସୁ ନ ଥିବାରୁ ଜନସାଧାରଣ ବହୁ ଅସୁବିଧାର ସମ୍ମୁଖୀନ ହେଉଥିବା କହିଛନ୍ତି। ବର୍ତ୍ତମାନ ସରକାରଙ୍କ ସବୁ ଯୋଜନା ଅନ୍‌ଲାଇନ୍ ମାଧ୍ୟମରେ ହେଉଥିବା ବେଳେ ୩ଦିନ ହେବ ଦୂର ଦୂରାନ୍ତରରୁ ବିଭିନ୍ନ କାର୍ଯ୍ୟରେ ଲୋକେ ଆସି ଅପେକ୍ଷା କରିକରି ନିରାଶ ହୋଇ ଫେରି ଯାଉଛନ୍ତି। ଏମିତିକି ଜରୁରିକାଳୀନ ପରିସ୍ଥିତିରେ ଆମ୍ବୁଲାନ୍ସକୁ କଲ କରିବା ମଧ୍ୟ କଷ୍ଟକର ହୋଇପଡୁଛି।

# ୧୦ମ ଶ୍ରେଣୀ ଛାତ୍ରଙ୍କ ଝୁଲନ୍ତା ମୃତଦେହ ଜବତ

**ହତ୍ୟା ଅଭିଯୋଗ ଆଣିଲେ ପରିବାର, ମୃତ୍ୟୁର କାରଣ ଅସ୍ପଷ୍ଟ**

କୋରୁକୋଣ୍ଡା, ୧୬।୩(ଶିବଦତ୍ତ ସାହୁ)

କୋରୁକୋଣ୍ଡା ବ୍ଲକ ନୀଳାକାମ୍ବେରୁ ପଞ୍ଚାୟତ ସୋର୍ଲକୋଣ୍ଡା ବ୍ୟାରେଜ ପାର୍ଶ୍ୱର ଏକ ଆମ୍ବଗଛରେ ଜଣେ ୧୦ମ ଶ୍ରେଣୀ ଛାତ୍ରଙ୍କ ମୃତଦେହ ଝୁଲନ୍ତା ଅବସ୍ଥାରେ ସ୍ଥାନୀୟ ଲୋକେ ଦେଖିବାକୁ ପାଇଥିଲେ। ମୃତକଙ୍କ ବାପା ଶନିବାର ଓର୍କେଲ ଥାନାରେ ଅଭିଯୋଗ କରିଥିଲେ। ନଂ. ୩/୨୫ରେ ପୋଲିସ ଏକ ଅପମୃତ୍ୟୁ ମାମଲା ରୁଜୁ କରିଛି। ଥାନା ଅଧିକାରୀ ଧୀରେନ ପଟ୍ଟନାୟକଙ୍କ ନିର୍ଦ୍ଦେଶ କ୍ରମେ ଏଏସ୍‌ଆଇ ବିଜୟ କୁମାର ବେନିଆଙ୍କ ନେତୃତ୍ୱରେ ପୋଲିସର ଏକ ଟିମ୍ ପହଞ୍ଚି ମୃତଦେହ ଜବତକରି ଘଟଣାର ତଦନ୍ତ ସହ ସାଇଣ୍ଟିଫିକ୍ ଟିମ୍ ଯାଞ୍ଚ କରିଥିଲା। ମୃତଦେହ ବ୍ୟବଚ୍ଛେଦ ପରେ ପରିବାର ଲୋକଙ୍କୁ ହସ୍ତାନ୍ତର କରାଯିବ ବୋଲି ଏଏସ୍‌ଆଇ ବେନିଆ କହିଛନ୍ତି। ତଦନ୍ତ ରିପୋର୍ଟ ଆସିବା ପରେ ପ୍ରକୃତ ଘଟଣା ଜଣାପଡିବ ବୋଲି ଥାନା ଅଧିକାରୀ ପଟ୍ଟନାୟକ କହିଛନ୍ତି। କେଉଁ କାରଣରୁ ନାବାଳକଙ୍କର ମୃତ୍ୟୁ ହୋଇଛି ତାହା ଏ ପର୍ଯ୍ୟନ୍ତ ସ୍ପଷ୍ଟ ହୋଇପାରି ନାହିଁ।

# ବାଲିମେଳା, କୋରୁକୋଣ୍ଡାର ବିଭିନ୍ନ ଅଞ୍ଚଳରେ ଦୋଳପୂର୍ଣ୍ଣିମା, ହୋଲି ଉତ୍ସବ

କୋରୁକୋଣ୍ଡା, ୧୬।୩(ଶିବଦତ୍ତ ସାହୁ)

ବାଲିମେଳା ସହର ସମେତ କୋରୁକୋଣ୍ଡା ବ୍ଲକର ବିଭିନ୍ନ ଅଞ୍ଚଳରେ ଶୁକ୍ରବାର ଓ ଶନିବାର ଦୁଇ ଦିନଧରି ଦୋଳ ପୂର୍ଣ୍ଣିମା ଓ ହୋଲି ଉତ୍ସବ ପାଳିତ ହୋଇଯାଇଛି। ବାଲିମେଳା ସହରର ଜଗନ୍ନାଥ ମନ୍ଦିର ପରିସରରେ ଥିବା ରାଧାକୃଷ୍ଣ ମନ୍ଦିରରୁ ବିମାନ ଯୋଗେ ଦୋଳ ଗୋବିନ୍ଦ ବାହାରି ସମସ୍ତ ଅଞ୍ଚଳ ପରିକ୍ରମା କରିଥିଲେ। ଶୁକ୍ରବାର କେତେକ ବ୍ୟକ୍ତି ହୋଲି ଖେଳିଥିବା ଦେଖିବାକୁ ମିଳିଛି। ବାଲିମେଳା ରାଧାକୃଷ୍ଣ ମନ୍ଦିର ପ୍ରାଙ୍ଗଣରେ ଅଷ୍ଟମପ୍ରହର ନାମ ସଂକୀର୍ତ୍ତନ ଅନୁଷ୍ଠିତ ହୋଇଛି। ହୋଲି ପର୍ବକୁ ଦୃଷ୍ଟିରେ ରଖି ଶାନ୍ତି ଶୃଙ୍ଖଳା ରକ୍ଷା ପାଇଁ ବିଭିନ୍ନ ଅଞ୍ଚଳରେ ପୋଲିସ ପକ୍ଷରୁ ସୁରକ୍ଷା ବ୍ୟବସ୍ଥା କଡାକଡ଼ି କରାଯାଇଥିଲା।


ହୋଲିରେ ଠାକୁରଙ୍କୁ ପୂଜାର୍ଚ୍ଚନା କରାଯାଉଛି ।

# ବାଲିମେଳା -କୋରୁକୋଣ୍ଡାର ବିଭିନ୍ନ ଅଞ୍ଚଳରେ ପଲିଥିନ ବ୍ୟବହାର

**ଅଙ୍କୁଶ ଲଗାଇବାକୁ ଦାବି କଲେ ଅଞ୍ଚଳବାସୀ**

କୋରୁକୋଣ୍ଡା, ୧୬।୩(ଶିବଦତ୍ତ ସାହୁ )

ସରକାର ଓ ଜିଲା ପ୍ରଶାସନ ପକ୍ଷରୁ ପଲିଥିନ ବ୍ୟବହାର ବନ୍ଦ କରିବାକୁ ନିର୍ଦ୍ଦେଶ ଦିଆଯାଇଛି । ଏହାକୁ ଖାତିର ନ କରି କୋରୁକୋଣ୍ଡା ବ୍ଲକର ବିଭିନ୍ନ ଅଞ୍ଚଳ ସମେତ ବାଲିମେଳା ସହରରେ ଥିବା ଦୋକାନ, ହୋଟେଲରେ ପଲିଥିନ ବ୍ୟବହାର କରୁଥିବା ଅଭିଯୋଗ ହେଉଛି। ଅଞ୍ଚଳବାସୀ ମଧ୍ୟ ୫୦ମାଇକ୍ରୋନରୁ ଅଧିକ ମୋଟା ପଲିଥିନ ନ ମାଗି ଦୋକାନୀ ଯେଉଁ ପଲିଥିନ ଦେଲେ ସେଥିରେ ଖାଦ୍ୟ ପଦାର୍ଥ ସହିତ ବିଭିନ୍ନ ସାମଗ୍ରୀ ଧରି ଆସୁଛନ୍ତି। ଏନେଇ ସ୍ଥାନୀୟ ଓ ଜିଲା ପ୍ରଶାସନ ପକ୍ଷରୁ ବିଭିନ୍ନ ଦୋକାନରେ ଚଢ଼ାଉ କରାଯାଇ ପଲିଥିନ ଜବତ କରିବା ସହ ଜରିମାନା ଆଦାୟ କରାଯାଉଥିଲା। ଏହି ଚଢ଼ାଉ ଦୀର୍ଘଦିନ ହେଲା ହେଉ ନ ଥିବାରୁ ବର୍ତ୍ତମାନ ଏହି ଅଞ୍ଚଳରେ ବେଆଇନ ଭାବେ ପଲିଥିନ କାରବାର ବଢ଼ିବାରେ ଲାଗିଛି। ଫଳରେ ଦିନକୁଦିନ ବିଭିନ୍ନ ଗ୍ରାମାଞ୍ଚଳ ଓ ବାଲିମେଳା ସହରରେ ପଲିଥିନଜନିତ ଆବର୍ଜନା ବଢ଼ି ଚାଲିଛି। ଏ ସମସ୍ତ ଅଞ୍ଚଳରେ ପଲିଥିନ ବ୍ୟବହାର ଓ ବିକ୍ରି ଦିନକୁ ଦିନ ବୃଦ୍ଧି ପାଇବାରେ ଲାଗିଛି। ପ୍ରଶାସନ ପଲିଥିନ୍ ବନ୍ଦ କରିବାକୁ ଆନ୍ତରିକତା ଦେଖାଉ ନ ଥିବା ବୁଦ୍ଧିଜୀବୀମାନେ କହିଛନ୍ତି।

ଏହି ପଲିଥିନ ମାଟିର ଉର୍ବରତାକୁ ନଷ୍ଟ କରି ଦେଇଥାଏ। ବିଭିନ୍ନ ସ୍ଥାନରେ ପଡ଼ିଥିବା ପଲିଥିନକୁ ଗୋରୁ ଖାଇବା ଦ୍ୱାରା ରୋଗାକ୍ରାନ୍ତ ହୋଇ ମୃତ୍ୟୁବରଣ କରୁଛନ୍ତି। ପଡ଼ିଥିବା ପଲିଥିନରୁ ବାହାରୁଥିବା ରାସାୟନିକ ଦ୍ରବ୍ୟ ଉଦ୍ଭିଦ,ପ୍ରାଣୀ ସମୂହ ଓ ଜଳଜାତ ପ୍ରାଣୀଙ୍କ ପାଇଁ କ୍ଷତିକାରକ ହୋଇଥାଏ ବୋଲି ପରିବେଶବିତ୍‌ମାନେ ଉଦ୍‌ବେଗ ପ୍ରକାଶ କରିଛନ୍ତି। ବେଆଇନ ଭାବେ ଏଭଳି ନିମ୍ନମାନର ପଲିଥିନ ବିକ୍ରି ଓ ବ୍ୟବହାର କରୁଥିବା ବ୍ୟବସାୟୀ ଏବଂ ବଜାରକୁ ଛାଡୁଥିବା କମ୍ପାନୀଗୁଡିକ ଉପରେ ଅଙ୍କୁଶ ଲଗାଇବା ସହ ସେମାନଙ୍କ ବିରୋଧରେ ଦୃଢ଼ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବାକୁ ଅଞ୍ଚଳବାସୀ ଦାବି କରିଛନ୍ତି।

# ଲାଠି, କୁର୍ଚି ସହ ଶିରା, ଦିଶାରୀଙ୍କ ନଗର ପରିକ୍ରମା

**ଆଦିବାସୀଙ୍କ ପାରମ୍ପରିକ ଫଗୁଣ ମଣ୍ଡେଇ**

ଡାବୁଗାଁ, ୧୬।୩ (ପ୍ରଜ୍ଞାରଞ୍ଜନ ପରିଡା)

ନବରଙ୍ଗପୁର ଜିଲା ଡାବୁଗାଁ ବ୍ଲକ ଅଧୀନ ବୋରିଗାଁଠାରେ ଆଦିବାସୀଙ୍କ ପାରମ୍ପରିକ ଫଗୁଣ ମଣ୍ଡେଇ ଉତ୍ସବ ରବିବାର ତୁରୀ, ବାଦ୍ୟ, ଢୋଲ, ମାଦଳ ବାଦ୍ୟର ତାଳେତାଳେ ଶେଷ ହୋଇଛି। ଏହି ଉତ୍ସବରେ ବୋରିଗାଁ ପଞ୍ଚାୟତ ସମେତ ୫ଟି ପଞ୍ଚାୟତର ବିଭିନ୍ନ ଗ୍ରାମରୁ ଲାଠି, କୁର୍ଚି ଓ ପାଲିଙ୍କି ଠାକୁରାଣୀଙ୍କ ମନ୍ଦିରରେ ପୂଜାର୍ଚ୍ଚନ ହୋଇଥିଲା । ସନ୍ଧ୍ୟାରେ ସମସ୍ତ ଲାଠି, କୁର୍ଚି ନଗର ପରିକ୍ରମା କରିଥିଲେ। ପୂଜାରୀ, ଶିରା ଓ ଦିଶାରୀମାନେ ସାଜସଜା ହୋଇ ଖଣ୍ଡା ଧରି ଗର୍ଦ୍ଦନଭଟ୍ଟାଠାରେ ବାଦ୍ୟର ତାଳେ ତାଳେ ନୃତ୍ୟ କରି ବଜାର ପରିକ୍ରମା କରି ମୁଖ୍ୟ ପୂଜାରୀ ଶୁକାଲୁ ପୂଜାରୀଙ୍କ ଘର ଠାରେ ପହଞ୍ଚିଥିଲେ। ସୋମବାର ଲାଠି, କୁର୍ଚି ଓ ଶିରା ପୂଜାରୀମାନଙ୍କୁ ନୂତନ ବସ୍ତ୍ର ଦେଇ ସମ୍ବର୍ଦ୍ଧିତ କରାଯାଇ ବିଦାୟ ଦିଆଯିବ । ଏହି ମଣ୍ଡେଇ ପାଳନରେ ଦର୍ଶକଙ୍କ ମନୋରଞ୍ଜନ ପାଇଁ ରାତ୍ରିରେ ୨ ଟି ଦେଶୀଆ ନାଟ (ଆଦିବାସୀ ନାଟକ) ପରିବେଷଣ କରାଯାଇଥିଲା। ଏଥିରେ ଡାବୁଗାଁ ବିଧାୟକ ମନୋହର ରନ୍ଧାରୀ, ଜିଲା ପରିଷଦ ଅଧ୍ୟକ୍ଷ ମୋତିରାମ ନାୟକ, ଜିଲା ପରିଷଦ ସଭ୍ୟ ଧନସିଂ ଭତରା, ବିଧାୟକ ପ୍ରତିନିଧି ଏମ. ବୁଲୁ ରାଓ, ବ୍ଲକ ବିଜେଡି ସଭାପତି ସୁରେନ୍ଦ୍ର କୁମାର ମିଶ୍ର, ପୂର୍ବତନ ଡାବୁଗାଁ ବିଧାୟକ ଭୁଜବଳ ମାଝି, ପାପଡାହାଣ୍ଡି ଜିଲା ପରିଷଦ ସଭ୍ୟା ଡା. ଲିପିକା ମାଝି ପ୍ରମୁଖ ଉପସ୍ଥିତ ଥିଲେ । କମିଟି କର୍ମକର୍ତ୍ତା ଭାବେ ବୋରିଗାଁ ସରପଞ୍ଚ ସୁକ୍ରୁ ଭତରା, କୃଶ ପନକା, ଲଇଖନ ପନକା, ଡମ୍ବୁ ପୂଜାରୀ, ଚନ୍ଦ୍ର ପନକା, ଦଶମୁ କଲାର, ଇଶର ଭତରା, ଡମ୍ବୁ ପନକା, ପ୍ରକାଶ ପନକା, ରଇନୁ ପୂଜାରୀ ଓ ଅନ୍ୟମାନେ ପରିଚାଳନା କରିଥିଲେ ।


ଶିରା, ଦିଶାରୀମାନେ ଲାଠି, କୁର୍ଚି ସହ ନଗର ପରିକ୍ରମା କରୁଛନ୍ତି।

# ଯୁବତୀଙ୍କ ଆତ୍ମହତ୍ୟା, କାରଣ ଅସ୍ପଷ୍ଟ

ସେମିଳିଗୁଡା/ସୁନାବେଡା, ୧୬।୩
(ବାସୁଦେବ ବରାଡ଼/କୃତ୍ତିବାସ ପ୍ରଧାନ)

ସେମିଳିଗୁଡ଼ା ତଳସାହିର ଜଣେ ଯୁବତୀ ଆତ୍ମହତ୍ୟା କରିଥିବା ପରିବାର ପୋଲିସକୁ ଖବର ଦେଇଥିଲେ। ଶନିବାର ସନ୍ଧ୍ୟାରେ ସମରା ହନ୍ତାଳଙ୍କ ଝିଅ ରଶ୍ମି ହନ୍ତାଳ(୧୯) ଘର ଲୋକଙ୍କ ଅନୁପସ୍ଥିତିରେ ସୁଯୋଗ ନେଇ ଆତ୍ମହତ୍ୟା କରିଥିବା ଜଣାପଡ଼ିଛି। ସେମିଳିଗୁଡା ଥାନା ଅଧିକାରୀ ଅନିତା କୁଜୁର ସହକର୍ମୀଙ୍କ ସହ ପହଞ୍ଚି ଝୁଲନ୍ତା ମୃତଦେହ ଜବତ କରିଥିଲେ। ପୋଲିସ ନଂ. ୪/୨୫ରେ ଏକ ଅପମୃତ୍ୟୁ ମାମଲା ରୁଜୁ କରି ମୃତଦେହ ବ୍ୟବଚ୍ଛେଦ ପାଇଁ କୋରାପୁଟ ଶହୀଦ ଲକ୍ଷ୍ମଣ ନାୟକ ମେଡ଼ିକାଲ କଲେଜ ଓ ହସ୍ପିଟାଲକୁ ପଠାଇଛି। ବ୍ୟବଚ୍ଛେଦ ପରେ ପରିବାରକୁ ମୃତଦେହ ହସ୍ତାନ୍ତର କରାଯିବ। ମୃତ୍ୟୁର କାରଣ ଅସ୍ପଷ୍ଟ ଥିବା ବେଳେ ତଦନ୍ତ ଜାରି ଥିବା ଥାନା ଅଧିକାରୀ କୁଜୁର ସୂଚନା ଦେଇଛନ୍ତି।

### ଗମ୍ଭାରୀଗୁଡ଼ା ଉଚ୍ଚ ପ୍ରାଥମିକ ବିଦ୍ୟାଳୟର ବାର୍ଷିକ ଉତ୍ସବ

ଚନ୍ଦାହାଣ୍ଡି, ୧୬।୩(ଦିଲୀପ ଦାସ )

ନବରଙ୍ଗପୁର ଜିଲା ଚନ୍ଦାହାଣ୍ଡି ବ୍ଲକ୍ ଅନ୍ତର୍ଗତ ଗମ୍ଭାରୀଗୁଡା ଉଚ୍ଚ ପ୍ରାଥମିକ ବିଦ୍ୟାଳୟର ବାର୍ଷିକ ଉତ୍ସବ ଶୁକ୍ରବାର ପାଳିତ ହୋଇଯାଇଛି। ପ୍ରଧାନ ଶିକ୍ଷକ ପଦ୍ମଲୋଚନ ସାହୁଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ଉଦ୍‌ଯାପନୀ ଉତ୍ସବରେ ସରପଞ୍ଚ ମଥୁରା ପୂଜାରୀ ମୁଖ୍ୟ ଅତିଥି, ସମିତି ସଭ୍ୟା ଗୌରୀ ନେଙ୍ଗୀ ମୁଖ୍ୟବକ୍ତା ଭାବେ ଯୋଗ ଦେଇଥିଲେ। ସମ୍ମାନିତ ଅତିଥି ଭାବେ ବିଦ୍ୟାଳୟ ପରିଚାଳନା କମିଟି ସଭାପତି ଫୁଲ ଚନ୍ଦନ ନାୟକ, ଅକ୍ରୁର ନାୟକ, ସିଆର୍‌ସିସି ରାଜେଶ ଦଣ୍ଡସେନା, ୱାର୍ଡ ସଭ୍ୟା ଚେମନୀ ଦେଇ, ଲାବଣ୍ୟ ନାୟକ, ଦିବାକର ନାୟକ, ଗୁଣବତୀ ନାୟକ, ସୁରେଶ ଜଗତ ତଥା ବିଦ୍ୟାଳୟର ସମସ୍ତ ଶିକ୍ଷୟିତ୍ରୀ ଶିକ୍ଷକ ଉପସ୍ଥିତ ଥିଲେ । ପ୍ରଧାନଶିକ୍ଷକ ବାର୍ଷିକ ବିବରଣୀ ପାଠ କରିଥିଲେ। ଷାଣ୍ମାସିକ ପରୀକ୍ଷାରେ ଭଲ ନମ୍ବର ରଖିଥିବା ପ୍ରତ୍ୟେକ ଶ୍ରେଣୀର ୩ଜଣଙ୍କୁ ପୁରସ୍କୃତ କରିବା ସହ ମାନପତ୍ର ପ୍ରଦାନ କରାଯାଇଥିଲା। ସେହିପରି କୁଇଜ, ଚିତ୍ରକଳା, ରଚନା, ଗୀତ ଓ ଭାଷଣରେ କୃତିତ୍ୱ ହାସଲ କରିଥିବା ଛାତ୍ରୀଛାତ୍ରଙ୍କୁ ମାନପତ୍ର ଓ ମେଡାଲ ପ୍ରଦାନ କରାଯାଇଥିଲା। ଶିକ୍ଷକ ରଣଜିତ ସାହୁ ମଞ୍ଚ ପରିଚାଳନା କରିଥିବା ବେଳେ ଗୁପ୍ତେଶ୍ୱର ସାହୁ ଧନ୍ୟବାଦ ଅର୍ପଣ କରିଥିଲେ ।



ଅତିଥିମାନେ କୃତୀ ପ୍ରତିଯୋଗୀଙ୍କୁ ପୁରସ୍କୃତ କରୁଛନ୍ତି।

# ବାଲିମେଳା ମୁଖ୍ୟ ରାସ୍ତା ନିର୍ମାଣ କାର୍ଯ୍ୟ ଆରମ୍ଭ

- ଧରିତ୍ରୀ ପ୍ରଭାବ
- ୨ କି. ମି. ୯୦୦ ମିଟର ରାସ୍ତା ପାଇଁ ଖର୍ଚ୍ଚ ହେଉଛି ୮୫ ଲକ୍ଷ ଟଙ୍କା
- ତଦାରଖ କରୁନାହାନ୍ତି ବିଭାଗୀୟ ଅଧିକାରୀ,ତେଜୁଛି ଅସନ୍ତୋଷ

କୋରୁକୋଣ୍ଡା, ୧୬।୩(ଶିବଦତ୍ତ ସାହୁ)

ମାଲକାନଗିରି ଜିଲା ବାଲିମେଳା ମୁଖ୍ୟ ରାସ୍ତା ମରଣଯନ୍ତା ପାଲଟି ଥିଲା। ବିଭାଗୀୟ କର୍ତ୍ତୃପକ୍ଷ ଏଥିପ୍ରତି ଦୃଷ୍ଟି ଦେଉ ନ ଥିଲେ। ଏ ନେଇ ଧରିତ୍ରୀରେ ବାରମ୍ବାର ଖବର ପ୍ରକାଶ ପାଇବା ପରେ ଗତ ଡିସେମ୍ବରରେ ବିଭାଗ ପକ୍ଷରୁ ସହରର ପ୍ରବେଶ ପଥଠାରୁ ପାୱାର ହାଉସ୍ ଛକ ପର୍ଯ୍ୟନ୍ତ ୨ କି.ମି.୯୦୦ ମିଟର ନିର୍ମାଣ ନିମନ୍ତେ ପ୍ରାୟ ୮୫ ଲକ୍ଷ ଟଙ୍କାରେ ଟେଣ୍ଡର କରାଯାଇଥିଲା। ଗତ ଗୁରୁବାର ଠିକାଦାର ଶଶାଙ୍କ ଶେଖର ଗୌଡ଼ଙ୍କ ଦ୍ୱାରା ନିର୍ମାଣ କାର୍ଯ୍ୟ ଆରମ୍ଭ ହୋଇଛି। ସେହିପରି ବିଭାଗୀୟ ସୂଚନା ଅନୁଯାୟୀ, ଗୋପବନ୍ଧୁ ଛକଠାରୁ ନାଲ୍ଲା ଛକ ଯିବା ରାସ୍ତାର ପ୍ରାୟ ୭୦୦ ମିଟର ନିର୍ମାଣ ନିମନ୍ତେ ଟେଣ୍ଡର ଶେଷ ହୋଇଛି। ଏହି କାର୍ଯ୍ୟ ଦୀପକ ସାହୁଙ୍କୁ କରିବା ଲାଗି ଦାୟିତ୍ୱ ଦିଆଯାଇଥିବା ଜଣାପଡିଛି।

ସୂଚନାଯୋଗ୍ୟ, ରାସ୍ତା ଓ ଗୃହ ନିର୍ମାଣ ବିଭାଗ ପକ୍ଷରୁ ୫ ବର୍ଷ ପୂର୍ବେ ବାଲିମେଳା ପ୍ରବେଶ ପଥଠାରୁ ପାୱାର ହାଉସ୍ ଛକ ପର୍ଯ୍ୟନ୍ତ ପ୍ରାୟ ୬ କୋଟିରେ ମୁଖ୍ୟ ରାସ୍ତା ନିର୍ମାଣ ହୋଇଥିଲା। ଆମ୍ବେଡକର ଛକଠାରୁ ଗୋପବନ୍ଧୁ ଛକ ପର୍ଯ୍ୟନ୍ତ ଥିବା ମୁଖ୍ୟ ରାସ୍ତା ନିର୍ମାଣ ନିମନ୍ତେ ପ୍ରାୟ ୩ କୋଟି ଟଙ୍କା ବ୍ୟୟ ଅଟକଳ କରାଯାଇଥିଲା। କାର୍ଯ୍ୟ ଶେଷ ହେବାର କିଛି ମାସ ପରେ ଏହା ମରଣଯନ୍ତା ପାଲଟିଥିବା ସହରବାସୀ ଅଭିଯୋଗ କରିଛନ୍ତି। ପ୍ରତିଦିନ ବାଲିମେଳାକୁ ଆସୁଥିବା ଲୋକେ ମୁଖ୍ୟ ରାସ୍ତାଦେଇ ଯାତାୟାତ କରିବା ସମୟରେ ଅସୁବିଧାର ସମ୍ମୁଖୀନ ହେଉଥିଲେ। ଏ ସମ୍ପର୍କରେ ଧରିତ୍ରୀରେ ଖବର ପ୍ରକାଶ ପାଇବା ପରେ ଏହି ରାସ୍ତାକୁ ତୁରନ୍ତ ମରାମତି କରାଯିବ ବୋଲି ବିଭାଗୀୟ କନିଷ୍ଠ ଯନ୍ତ୍ରୀ ମହାଦେବ କୁମ୍ଭାର ପ୍ରତିଶ୍ରୁତି ଦେଇଥିଲେ। ହେଲେ ତାହା କରାଗଲା ନାହିଁ। ଗତବର୍ଷ ଜୁଲାଇ ୭ରେ ରଥଯାତ୍ରା ଓ ବାହୁଡା ଯାତ୍ରା ନିମନ୍ତେ ସ୍ଥାନୀୟ ପୋଲିସ, ବରିଷ୍ଠ ନାଗରିକ ଏବଂ ରଥଯାତ୍ରା ପରିଚାଳନା କମିଟି ପକ୍ଷରୁ ସମସ୍ତ ମୁଖ୍ୟ ରାସ୍ତା ମରାମତି ପାଇଁ ବିଭାଗୀୟ କର୍ତ୍ତୃପକ୍ଷଙ୍କୁ ଅନୁରୋଧ କରିବା ପରେ ବିଭାଗ ପକ୍ଷରୁ ଖାଲ ଖମାଗୁଡିକରେ ମେଟାଲ ଓ କ୍ରଶର ଗୁଣ୍ଡ ପକାଇ କାମଚଳା ଭାବେ ପୋତା ଯାଇଥିଲା।


ରାସ୍ତା କାମ କରାଯାଉଛି ।

ବିଭିନ୍ନ ଅଞ୍ଚଳରେ ହୋଇଥିବା ଗର୍ତ୍ତ ମରାମତି ପାଇଁ ଗତ ନଭେମ୍ବରରେ ଟେଣ୍ଡର କରି ଆରଆଇ ଅଫିସଠାରୁ ପାୱାର ହାଉସ୍ ଛକ ପର୍ଯ୍ୟନ୍ତ ୧୩ ଲକ୍ଷ ଟଙ୍କା ବ୍ୟୟରେ ଶିବାନୀ ଦଳେଇ ଠିକାଦାରଙ୍କ ଦ୍ୱାରା ମରାମତି କରାଯାଇଥିଲା। ସେହିପରି ବିଭାଗ ପକ୍ଷରୁ ଅକ୍ଷୟ ବିଶ୍ୱାଳଙ୍କ ଦ୍ୱାରା ଗୋପବନ୍ଧୁ ଛକରୁ ଏନ୍‌ଏସି କାର୍ଯ୍ୟାଳୟ ଏବଂ ଶିଶୁମନ୍ଦିରଠାରୁ ଚିତାପାରି ବ୍ରିଜ ପର୍ଯ୍ୟନ୍ତ ପ୍ରାୟ ୧୭ ଲକ୍ଷ ଟଙ୍କା ବ୍ୟୟରେ ମରାମତି କରାଯାଇଥିଲା।

## ସଂକ୍ଷେପରେ

### ମାରଣାସ୍ତ୍ର ଦେଖାଇ ଲୁଟ୍, ୪ ଗିରଫ

ଜୟପୁର,୧୬।୩(ପବନ ପାଣିଗ୍ରାହୀ)

ଏକ ଟ୍ରକକୁ ପଥର ମାଡ଼ ସହ ମାରଣାସ୍ତ୍ର ଦେଖାଇ ଟଙ୍କା ଲୁଟ୍ କରିଥିବା ନେଇ ଜୟପୁର ଟାଉନ ଥାନାରେ ଅଭିଯୋଗ ହୋଇଥିବା ବେଳେ ୪ ଅଭିଯୁକ୍ତଙ୍କୁ ପୋଲିସ ଗିରଫ କରିଛି। ଅଭିଯୁକ୍ତମାନେ ହେଲେ ଓଡିଆ ମେଦ୍ରିସାହିର ସହିଲ ଡଙ୍ଗରି(୨୦), ପବନ ଟାକରି(୧୮), ପବନ ବାଘ (୧୮) ଓ ରଞ୍ଜନ ଟାକରି(୧୯)। ସୂଚନା ଅନୁଯାୟୀ, ନବରଙ୍ଗପୁର ଜିଲା ପାପଡାହାଣ୍ଡିରୁ ଟ୍ରକ୍‌ରେ କାଠ ବୋଝେଇ ହୋଇ ଆନ୍ଧ୍ର ପ୍ରଦେଶର ଭଦ୍ରାଚଳମ ଯାଉଥିବା ବେଳେ କେତେକ ଦୁର୍ବୃତ୍ତ ଜୟପୁର ସହର ପୁରୁଣାଗଡ ଛକ ନିକଟରେ ପଥର ମାଡ଼ କରି ଟ୍ରକ୍‌କୁ ଅଟକାଇ ଥିଲେ। ଖଣ୍ଡା, କାତି ଓ ଲାଠି ଦେଖାଇ ଡ୍ରାଇଭରଙ୍କୁ ଭୟଭିତ କରି ତାଙ୍କଠାରୁ ୫ ହଜାର ଟଙ୍କା ଲୁଟ୍ କରି ଫେରାର ହୋଇଥିଲେ। ଏ ନେଇ ଜୟପୁର ଟାଉନ ଥାନାରେ ନିମାଁଇ ରାୟ ଅଭିଯୋଗ କରିଥିଲେ। ପୋଲିସ ୬୮/୨୫ରେ ମାମଲା ରୁଜୁ କରିଥିଲା। ୪ ଅଭିଯୁକ୍ତଙ୍କୁ କୋର୍ଟ ଚାଲାଣ କରାଯାଇଥିବା ଟାଉନ ଥାନା ଅଧିକାରୀ ଇଶ୍ୱର ତାଣ୍ଡି ସୂଚନା ଦେଇଛନ୍ତି।

### ଏଏନ୍‌ଏମ୍ ସେଣ୍ଟର, ଡାକ୍ତରଙ୍କ ଘରୁ ଏସି ତମ୍ବା ତାର ଚୋରି

ଜୟପୁର,୧୬।୩(ପବନ ପାଣିଗ୍ରାହୀ)

ଜୟପୁର ମୁଖ୍ୟ ରାସ୍ତା ଜଗତଜନନୀ ଛକସ୍ଥିତ ସରକାରୀ ମହିଳା ସ୍ୱାସ୍ଥ୍ୟ କର୍ମୀ ତାଲିମ କେନ୍ଦ୍ରରେ ଓ ଡାକ୍ତରଙ୍କ ଘରୁ ଏସିର ତମ୍ବା ତାର ଚୋରି ହୋଇଛି। ଶିଶୁ ରୋଗ ବିଶେଷଜ୍ଞ ଦୁର୍ଗା ପ୍ରସାଦ ପାତ୍ରଙ୍କ ଘରୁ,ଏଏନ୍‌ଏମ୍ ସେଣ୍ଟର ଓ ତାଲିମକେନ୍ଦ୍ରର ଅଧକ୍ଷା ସରସ୍ୱତୀ ବେହେରାଙ୍କ ଘରୁ ମଧ ଚୋରି ହୋଇଛି। ୮ଟି ଏସିର ତମ୍ବା ତାର ଚୋରି ହୋଇଛି। କ୍ୟାମ୍ପସ ଭିତରେ ପଶି ଦୁର୍ବୃତ୍ତମାନେ ତାଲିମ କେନ୍ଦ୍ର, ଅଧକ୍ଷା ଓ ଡାକ୍ତରଙ୍କ ଘରର ଏସିର କପର ତାର ଚୋରି କରିଛନ୍ତି। ସେମାନଙ୍କୁ ଗିରଫ କରିବାକୁ ଡ. ପାତ୍ର ଓ ଅଧକ୍ଷା ବେହେରା ଦାବି କରିଛନ୍ତି। ଟାଉନ ପୋଲିସ ତଦନ୍ତ ଆରମ୍ଭ କରିଛି।

### ବାଇକ୍‌କୁ ଧକ୍କା ଦେଲା ଟ୍ରକ୍, ଶିଶୁ ମୃତ

ଜୟପୁର,୧୬।୩(ପବନ ପାଣିଗ୍ରାହୀ)

ଜୟପୁର ହାଟପଦାରେ ବାଇକ୍‌କୁ ଟକ୍ ଧକ୍କା ଦେଇ ଜଣେ ଶିଶୁ କନ୍ୟାର ମୃତ୍ୟୁ ହୋଇଥିବା ଜଣାପଡ଼ିଛି। ବାଇକ୍ ଚାଳକ ଜୟପୁର ଖ୍ରୀଷ୍ଟାୟାନ ପେଟା ଅଞ୍ଚଳର ଅମ୍ରେଶ ଚନ୍ଦ୍ର ବାନୁ ଗୁରୁତର ରହିଛନ୍ତି। ଦୁର୍ଘଟଣାରେ ଗୁରୁତର ବାଇକ୍ ଚାଳକ ଓ ତାଙ୍କ ଝିଅ(୩) ପୋଲିସ ପିସିଆର୍ ଭ୍ୟାନ୍‌ରେ ଜୟପୁରସ୍ଥିତ ଜିଲା ମୁଖ୍ୟ ଡାକ୍ତରଖାନାରେ ନେଇଥିଲା। ସେଠାରେ ଡାକ୍ତର ଶିଶୁର ମୃତ୍ୟୁ ହୋଇଥିବା ଘୋଷଣା କରିଥିଲେ। ଡ୍ରାଇଭରଙ୍କୁ ଅଟକ ରଖିବା ସହ ଟ୍ରକ୍‌କୁ ଟାଉନ ପୋଲିସ ଜବତ କରିଛି।

### ସହର ବିକାଶ ପାଇଁ ନାଗରିକ କମିଟି ବୈଠକ

ଜୟପୁର,୧୬।୩(ପବନ ପାଣିଗ୍ରାହୀ)

ଜୟପୁର ନାଗରିକ କମିଟି କାର୍ଯ୍ୟାଳୟରେ ସହରର ବିକାଶ ପାଇଁ ବୈଠକ ଅନୁଷ୍ଠିତ ହୋଇଯାଇଛି। ଏଥିରେ କମିଟି ସଭାପତି ମୀନକେତନ ଦାସ ଓ ଅନ୍ୟ ସଭ୍ୟ ଉପସ୍ଥିତି ଥିଲେ। ସହରର ବିକାଶ ତଥା ଚିକିତ୍ସାଳୟରେ ଡାକ୍ତର, ଟ୍ରାଫିକ ସମସ୍ୟା, ଦୈନିକ ବଜାର ବିକାଶ, ପୋଶା କୁକୁର ମାନଙ୍କ ଦ୍ୱାରା ପରିବେଶ ପ୍ରଦୂଷିତ ହେବା ଓ ଜଗନ୍ନାଥ ସାଗରର କାର୍ଯ୍ୟ ଶୀଘ୍ର ଆରମ୍ଭ କରିବା ନେଇ ଆଲୋଚନା ହୋଇଥିଲା। ବୈଠକରେ ଦେବେନ୍ଦ୍ର ବାହାନିପତି ଓ ପରମେଶ୍ୱର ପାତ୍ର ପ୍ରମୁଖ ଉପସ୍ଥିତ ଥିଲେ।

### ୫୦ ଲିଟର ଦେଶୀ ମଦ ଜବତ

ଜୟପୁର,୧୬।୩(ପବନ ପାଣିଗ୍ରାହୀ)

ଜୟପୁର ଅବକାରୀ ନିରୀକ୍ଷକ କାର୍ଯ୍ୟାଳୟ ପକ୍ଷରୁ ଚଢାଉ କରାଯାଇ ୫୦ ଲିଟର ଦେଶୀ ମଦ ଜବତ କରାଯାଇଛି। ସଦର ଥାନା ଅନ୍ତର୍ଗତ ଗଡପଦର ଜଙ୍ଗଲରେ ଦେଶୀ ମଦ ପ୍ରସ୍ତୁତ ସହ ଲୁଚାଇ ରଖିଥିବା ବେଳେ ଚଢାଉ କରାଯାଇଥିଲା। ବ୍ୟବସାୟୀମାନେ ଚମ୍ପଟ ମାରିଥିଲେ। ବିଭାଗ ବହୁ ମଦ ଭାଟି ଭାଙ୍ଗି ୧୬ ଶହ ଲିଟର ପୋଚ ଜବତ କରି ନଷ୍ଟ କରିଛି। ମଦରନ୍ଧା ସରଞ୍ଜାମ ଓ ଡ୍ରମ ଆଦିକୁ ଜବତ କରାଯାଇଥିବା ଜୟପୁର ଆବକାରୀ ନିରୀକ୍ଷକ ଶଶୀକାନ୍ତ ଦତ୍ତ ସୂଚନା ଦେଇଛନ୍ତି। ସେହିପରି ଦେଶୀ ମଦ ଚାଲାଣ କରୁଥିବା ଜୟପୁର ଅବକାରି ଥାନା ପକ୍ଷରୁ ପାଲ୍ଲିଗୁଡାର କୃଷ୍ଣ ଖରା(୬୬)ଙ୍କୁ ଗିରଫ କରାଯାଇଛି। ତାଙ୍କଠାରୁ ୧୮ ଲିଟର ଦେଶୀ ମଦ ଜବତ କରିଛି। ଅଭିଯୁକ୍ତଙ୍କୁ କୋର୍ଟ ଚାଲାଣ କରାଯାଇଥିବା ଅବକାରି ଥାନା ଓଆଇସି ହିରଣ ସୁବ୍ରତ ସୂଚନା ଦେଇଛନ୍ତି।

# ପାଣି ଅଭାବରୁ ବନ୍ଦ ପଡ଼ିଛି ବସ୍‌ଷ୍ଟାଣ୍ଡ ଶୌଚାଳୟ

ସେମିଳିଗୁଡା/ସୁନାବେଡ଼ା,୧୬।୩ (ବାସୁଦେବ ବରାଡ଼/କୃତ୍ତିବାସ ପ୍ରଧାନ)

ସେମିଳିଗୁଡା ଏକ ପ୍ରମୁଖ ବାଣିଜ୍ୟ କେନ୍ଦ୍ର ପାଲଟିଥିବା ବେଳେ ଦୈନିକ ସ୍ଥାନୀୟ ବସ୍‌ଷ୍ଟାଣ୍ଡକୁ ଶତାଧିକ ଗାଡ଼ି ଯାତାୟତ କରୁଛି। କିନ୍ତୁ ଏଠାରେ ପୌର ପ୍ରଶାସନ ଦ୍ୱାରା ନିର୍ମାଣ କରାଯାଇଥିବା ସୁଲଭ ଶୌଚାଳୟରେ ଦୀର୍ଘ ଦିନରୁ ପାଣି ଆସୁ ନ ଥିବା ଅଭିଯୋଗ ହୋଇଛି। ୬ ମାସରୁ ଉର୍ଦ୍ଧ୍ୱ ଦିନ ହେବ ଏହି ଶୌଚାଳୟର ଗ୍ରୀଲ୍‌ରେ ପାଣି ନ ଥିବା ବୋର୍ଡ ଝୁଲା ଯିବା ଏକ ପରିତାପର ବିଷୟ ବୋଲି ସୁନାବେଡ଼ା ପୌର ପରିଷଦର ପୂର୍ବତନ ଅଧକ୍ଷାଙ୍କ ସ୍ୱାମୀ ଭରତ ମଲ୍ଲିକ କହିଛନ୍ତି। ଏଥିସହ ସେମିଳିଗୁଡାର ଏହା ମୁଖ୍ୟ ବସ୍‌ଷ୍ଟାଣ୍ଡ ହୋଇଥିବାରୁ



ବସ୍‌ଷ୍ଟାଣ୍ଡରେ ଥିବା ଶୌଚାଳୟ।

ଦୈନିକ ଦୂରଦୁରାନ୍ତରୁ ଯାତ୍ରୀ ଆସିଥାନ୍ତି। ଆବଶ୍ୟକସ୍ଥଳେ ଏହା ଉପରେ ନିର୍ଭର ମଧ କରିଥାନ୍ତି। ରାତିରେ ବସ୍‌ରୁ ଓହ୍ଲାଉଥିବା ଯାତ୍ରୀ ଓ ଡ୍ରାଇଭର ପାଣି ନ ଥିବା ବୋର୍ଡ ଦେଖି ହତାଶ ହେଉଥିବା ସେ ଅଭିଯୋଗ କରିଛନ୍ତି। ସେମିଳିଗୁଡାର ସମସ୍ତ ହୋଟେଲ ତଥା ଘରମାନଙ୍କୁ ଜନସ୍ୱାସ୍ଥ୍ୟ ବିଭାଗ ପକ୍ଷରୁ ୨୪ ଘଣ୍ଟା ଜଳ ଯୋଗାଣ ବ୍ୟବସ୍ଥା ଥିବା ବେଳେ ଅତି ଆବଶ୍ୟକସ୍ଥଳକୁ ପୌର ପ୍ରଶାସନ କାହିଁକି ପାଣି ବ୍ୟବସ୍ଥା କରୁନାହିଁ ବୋଲି ଭରତ ପ୍ରଶ୍ନ କରିଛନ୍ତି। ଶୌଚାଳୟରେ ପାଣି ନ ଥିବା ବୋର୍ଡ ସମ୍ପର୍କରେ ସୁନାବେଡ଼ା ପୌର ପରିଷଦ ଅଧକ୍ଷ ଡ. ରାଜେନ୍ଦ୍ର ପାତ୍ରଙ୍କୁ ପଚାରିବାରୁ ଶୌଚାଳୟକୁ ସଂଯୋଗ ହୋଇଥିବା ପାଇପ୍ ବହୁତ ଗଭୀର ଓ ପୁରୁଣା ସଂଯୋଗ ଥିବାରୁ ପାଣି ଠିକ୍‌ରେ ଆସିପାରୁ ନାହିଁ। ଏ ନେଇ ସମ୍ପୃକ୍ତ ବିଭାଗ ସହ ଆଲୋଚନା ହୋଇଛି ନୂଆ ପାଇପ୍ ସଂଯୋଗ କରାଯାଇ ପୁଣି ଏହାକୁ କାର୍ଯ୍ୟକ୍ଷମ କରାଯିବ ବୋଲି ସେ କହିଛନ୍ତି।

# ଅପହରଣ,ହତ୍ୟା ଧମକ ମାମଲା, ୫ ଗିରଫ

ଜୟପୁର,୧୬।୩(ପବନ ପାଣିଗ୍ରାହୀ)

ଅପହରଣ ଓ ୨୦ ଲକ୍ଷ ଟଙ୍କା ନ ଦେଲେ ହତ୍ୟା କରିବା ମାମଲାରେ ଜୟପୁର ସଦର ପୋଲିସ ୫ ଅଭିଯୁକ୍ତଙ୍କୁ ଗିରଫ କରିଛି। ଅଭିଯୁକ୍ତମାନେ ହେଲେ ସୌରାଗୁଡାର ଶଙ୍କର ସୌରା (୨୮), ଓସିସି କୋଲନୀ କାର୍ତ୍ତିକ ଡୁରୁକ (୨୪),ମାଥାଲପୁଟ ହରିଶ୍ଚ ନାଗ(୨୨), ଲିଟିଗୁଡା ଗ୍ରାମର ମିଳନ କନ୍ଦପାନ (୨୦) ଓ ବାରିଣିପୁଟ ଅଭୟ ପ୍ରଧାନ(୨୧)। ସେମାନଙ୍କଠାରୁ ୨ଟି ସିମ୍ ଓ କାର ଜବତ କରାଯାଇଛି। ସୂଚନାଯୋଗ୍ୟ, ସୌରାଗୁଡାର ଭଗବାନ ସୌରାଙ୍କ ପୁଅ ଅଭିଜିତ ସୌରା ଓ ତାଙ୍କ ସାଙ୍ଗ ରୋହିତ ସୌରା ସହ ମିଶି ମାର୍ଚ୍ଚ ୨ରେ ନିକଟ କେନାଲକୁ ଶୌଚ ପାଇ ଯାଇଥିବା ବେଳେ ସେଠାରୁ କେତେକ ଦୁର୍ବୃତ୍ତ ପୁଅଙ୍କୁ ପିସ୍ତଲ ଦେଖାଇ ଅପହରଣ କରି ନେଇଥିବା ଜୟପୁର ସଦର ଥାନାରେ ଲିଖିତ ଅଭିଯୋଗ କରିଥିଲେ। ପରଦିନ ଅଭିଜିତ ଭଉଣୀଙ୍କୁ କଲ୍ କରି ୨୦ଲକ୍ଷ ଟଙ୍କା ଦିଅ ନଚେତ୍ ସେମାନେ ମୋତେ ହତ୍ୟା କରିଦେବେ ବୋଲି କହିଥିଲେ। ଏ ନେଇ ଜୟପୁର ସଦର ଥାନାରେ ୭୪/୨୫ରେ ମାମଲା ରୁଜୁ କରି ତଦନ୍ତ ଆରମ୍ଭ କରାଯାଇଥିଲା। ପରେ ଦୁର୍ବୃତ୍ତମାନେ ଅଭିଜିତଙ୍କୁ କୋରାପୁଟରେ ଛାଡ଼ି ଚମ୍ପଟ ମାରିଥିଲେ। ୫ ଅଭିଯୁକ୍ତଙ୍କୁ ରବିବାର ସନ୍ଧ୍ୟାରେ କୋର୍ଟ ଚାଲାଣ କରାଯାଇଥିବା ସଦର ଥାନା ଅଧିକାରୀ ସଚିନ୍ଦ୍ର ପ୍ରଧାନ ସୂଚନା ଦେଇଛନ୍ତି।

# ଗୋଡ଼ ଖସି ପାଣିରେ ଭାସିଗଲେ ୨ ଯୁବକ

କୋଟପାଡ଼,୧୬।୩ (କେ.ରାଜଶେଖର ରାଓ)

**ସେଲ୍‌ଫି ନେବା ହେଲା କାଳ**

କୋରାପୁଟ ଜିଲା କୋଟପାଡ଼ ଗୁଲମୀ ପିକନିକ ସ୍ପଟ୍‌କୁ ଗାଧେଇବାକୁ ଯାଇ ସେଲ୍‌ଫି ନେଉଥିବା ବେଳେ ଗୋଡ଼ ଖସି ଛତିଶଗଡ଼ ଜଗଦଲପୁର କୁମାର ପାରା ଅଞ୍ଚଳର ୨ ଯୁବକ ଜଳସ୍ରୋତରେ ଭାସି ଯାଇଥିବା ଜଣାପଡିଛି। ସେମାନେ ହେଲେ ରୋହନ କୋଶ୍ଚପ (୨୧)ଓ ଗୌରବ ବାଗେଲ(୨୦)। କୋଟପାଡ଼ ଅଗ୍ନିଶମ ବିଭାଗ କର୍ମଚାରୀ ଓ ପୋଲିସ ତଲାସି ଜାରି ରଖିଛି। ଶନିବାର ହୋଲି ଖେଳି ଅପରାହ୍ଣରେ ଗୁଲମୀକୁ ରୋହନ ଓ ଗୌରବ ଆସିଥିଲେ। ସୂଚନା ଅନୁଯାୟୀ କୋଟପାଡ଼ ତଥା ଆଖପାଖ ନଦୀ ଗଭୀର ପୋଖରୀଗୁଡ଼ିକରେ ଗାଧେଇବା ନେଇ ଅଗ୍ନିଶମ ବିଭାଗ ଡାକବାଜି ଯନ୍ତ୍ର ଦ୍ୱାରା ବାରମ୍ବାର ସଚେତନ କରିଥିଲେ ସୁଦ୍ଧା ଏଭଳି ଘଟଣା ଘଟିଛି। ଏ ନେଇ ରୋହନଙ୍କ ବାପା କୋଟପାଡ଼ ଥାନାରେ ଅଭିଯୋଗ କରିଥିଲେ। ରବିବାର କୋଟପାଡ଼ ଅଗ୍ନିଶମ କର୍ମଚାରୀ ଓ ଓଡ୍ରାଫ ଟିମ୍ ତଲାସି ଜାରି ରଖିଥିବା ବେଳେ ରୋହନଙ୍କ ମୃତଦେହ ଉଦ୍ଧାର ହୋଇଛି। ଗୁଲମୀ ପିକନିକ ସ୍ପଟ୍‌ରେ ପିକ୍‌ନିକ୍ କରିବାକୁ ୧୩ ଜଣ ଯାଇଥିଲେ। ରୋହନ ଜଳସ୍ରୋତରେ ଭାସି ଯାଉଥିବା ବେଳେ ତାଙ୍କୁ ଉଦ୍ଧାର କରିବାକୁ ଗୌରବ ଚେଷ୍ଟା କରିଥିଲେ। କିନ୍ତୁ ଜଳସ୍ରୋତ ପ୍ରଖର ଥିବାରୁ ଉଭୟ ବାହାରି ପାରି ନଥିଲେ। ମୃତଦେହ କୋଟପାଡ଼ ପୋଲିସ ପରିବାରକୁ ହସ୍ତାନ୍ତର କରିଛି। ଓଡ୍ରାଫ ଟିମ୍ ଅନ୍ୟ ଜଣଙ୍କୁ ଖୋଜିବା ଜାରି ରଖିଛି।

## ରାତି ଜଗୁଆଳିଙ୍କ ଆତ୍ମହତ୍ୟା

ବୋରିଗୁମ୍ମା,୧୬।୩(ବିଜୟ ସାହୁ)

ବୋରିଗୁମ୍ମାସ୍ଥିତ କେନ୍ଦ୍ରପତ୍ର କାର୍ଯ୍ୟାଳୟ ପରିସରରେ ରାତି ଜଗୁଆଳି ଆତ୍ମହତ୍ୟା କରିଥିବା ଜଣାପଡ଼ିଛି। ପୋଲିସ ସୂଚନା ମୁତାବକ କାମତା ଗ୍ରାମର ଭାସ୍କର ମହାକୁଡ଼ କେନ୍ଦୁପତ୍ର ବିଭାଗରେ ଦୀର୍ଘ ବର୍ଷ ଧରି କାମ କରୁଥିଲେ। ସେ ଶନିବାର ରାତିରେ କାର୍ଯ୍ୟରେ ନିୟୋଜିତ ଥିବା ବେଳେ ଆତ୍ମହତ୍ୟା କରିଥିବା ସୂଚନା ମିଳିଛି। ଭାସ୍କରଙ୍କ ଝିଆରୀ ତାଙ୍କୁ ବାରମ୍ବାର ଫୋନ କରିବା ସତ୍ତ୍ୱେ ସେ ଫୋନ ଉଠାଇ ନ ଥିବାରୁ ପରିବାର କେନ୍ଦୁପତ୍ର କାର୍ଯ୍ୟାଳୟକୁ ଯାଇଥିଲେ। ସେଠାରେ ଭାସ୍କରଙ୍କ ମୃତଦେହ ଝୁଲନ୍ତା ମୃତଦେହ ଦେଖିଥିଲେ। ବ୍ୟବଚ୍ଛେଦ ସମୟରେ ମୃତ ଭାସ୍କରଙ୍କ ପ୍ୟାଣ୍ଟ ପକେଟରୁ କିଛି ଟଙ୍କା ସହ ସୁଇସାଇଡ଼ ନୋଟ୍ ବାହାରିଥିବା ତଦନ୍ତକାରୀ ଅଧିକାରୀ ଏଏସ୍‌ଆଇ ଚନ୍ଦନ ପ୍ରସାଦ ମାଝୀ ସୂଚନା ଦେଇଛନ୍ତି। ସୁଇସାଇଡ଼ ନୋଟ୍‌ରେ କେନ୍ଦୁପତ୍ର ବିଭାଗର ରେଞ୍ଜର ସଦାଶିବ ମିଶ୍ର ତାଙ୍କୁ ବାରମ୍ବାର ମାନସିକ ନିର୍ଯାତନା ଦେଇଥିବା ଉଲ୍ଲେଖ କରିଛନ୍ତି। ତାଙ୍କ ଆତ୍ମହତ୍ୟା ପାଇଁ ରେଞ୍ଜର ହିଁ ଦାୟୀ ବୋଲି ସୁଇସାଇଡ୍ ନୋଟରେ ଲେଖା ରହିଛି। ଏ ନେଇ ପରିବାର ଲୋକେ ଥାନାରେ ଲିଖିତ ଅଭିଯୋଗ କରିଛନ୍ତି। ପୋଲିସ ୮/୨୫ରେ ଅପମୃତ୍ୟୁ ମାମଲା ରୁଜୁ କରି ମୃତଦେହ ବ୍ୟବଚ୍ଛେଦ ପରେ ପରିବାରକୁ ହସ୍ତାନ୍ତର କରିଛି।

# ଡ୍ୟାମ୍‌ରେ ବୁଡ଼ି ଯୁବକ ମୃତ

ସେମିଳିଗୁଡା/ସୁନାବେଡା,୧୬।୩ (ବାସୁଦେବ ବରାଡ/କୃତ୍ତିବାସ ପ୍ରଧାନ)

ସେମିଳିଗୁଡା ବ୍ଲକ୍ ପାକଝୋଲା ଏମ୍‌ଆଇପି ଡ୍ୟାମ୍‌ରେ ବୁଡ଼ି ଜଣେ ଯୁବକଙ୍କ ମୃତ୍ୟୁ ହୋଇଛି। ମୃତକ ହେଲେ ନନ୍ଦପୁର ବ୍ଲକ ଅତଣ୍ଡା ପଞ୍ଚାୟତ ବନୁର ଗାଁର ଲିଙ୍ଗା ପାଡ଼ାଲଙ୍କ ପୁଅ ଶଙ୍କର ପାଡ଼ାଲ(୨୩)। ଶଙ୍କର ସେମିଳିଗୁଡାର ରିଲିଆନ୍ସ ମାର୍ଟରେ ସିକ୍ୟୁରିଟି ଗାର୍ଡ ଭାବେ କାର୍ଯ୍ୟ କରୁଥିଲେ। ଶନିବାର ସକାଳେ ହୋଲି ଖେଳି ଭାଇ ଓ ଅନ୍ୟ କେତେକ ଯୁବକଙ୍କ ସହ ଏମ୍‌ଆଇପି ଡ୍ୟାମ୍‌କୁ ଗାଧେଇବାକୁ ଯାଇଥିବା ବେଳେ ଅସାବଧାନତାରୁ ତାଙ୍କ ଗୋଡ଼ ଖସି ପାଣି ଭିତରକୁ ଚାଲିଯାଇଥିଲେ। ଏ ନେଇ ସେମିଳିଗୁଡା ପୋଲିସକୁ ସୂଚନା ଦିଆଯିବା ପରେ ପୋଲିସ ଓ ଅଗ୍ନିଶମ କର୍ମଚାରୀମାନେ ଶଙ୍କରଙ୍କୁ ପାଣିରୁ ଉଦ୍ଧାର କରି ସୁନାବେଡା ମେଡିକାଲକୁ ନେଇଥିଲେ। ସେଠାରେ ଡାକ୍ତର ତାଙ୍କୁ ମୃତ ଘୋଷଣା କରିଥିଲେ। ପୋଲିସ ମୃତଦେହ ବ୍ୟବଚ୍ଛେଦ ପାଇଁ କୋରାପୁଟ ଶହୀଦ ଲକ୍ଷ୍ମଣ ନାୟକ ମେଡିକାଲ କଲେଜକୁ ପଠାଇଥିଲା। ଏ ନେଇ ନଂ. ୩/୨୫ରେ ଏକ ଅପମୃତ୍ୟୁ ମାମଲା ରୁଜୁ କରି ତଦନ୍ତ ଜାରି ରହିଥିବା ସେମିଳିଗୁଡା ଥାନା ଅଧିକାରୀ ଅନିତା କୁଜୁର୍ ସୂଚନା ଦେଇଛନ୍ତି। ବ୍ୟବଚ୍ଛେଦ ପରେ ମୃତଦେହ ପରିବାରକୁ ହସ୍ତାନ୍ତର କରାଯାଇଛି।

# ଅଷ୍ଟପ୍ରହର ନାମଯଜ୍ଞ



ଅଷ୍ଟପ୍ରହର ନାମଯଜ୍ଞ ଅବସରରେ ସଂକୀର୍ତ୍ତନ କରାଯାଉଛି ।

ଦାମନଯୋଡ଼ି,୧୬।୩(ମାନସ ରଞ୍ଜନ କର)

ଦାମନଯୋଡି ନାଲ୍‌କୋ ଟାଉନଶିପସ୍ଥିତ ସେକ୍ଟର-୨ ମଣ୍ଡପରେ ଅଷ୍ଟପ୍ରହର ନାମଯଜ୍ଞ ଅନୁଷ୍ଠିତ ହୋଇଯାଇଛି। ଏଥିରେ ୧୪ ସଂକୀର୍ତ୍ତନ ଦଳ ନାମ ଜପ କରିଥିଲେ। ନେମାଳରୁ ଆସିଥିବା ପୂଜକ ବିଶ୍ୱଜିତ ଦାସ(ସୀତୁ ମହାରାଜ) ଗୌଡିୟ ନୀତିରେ ପୂଜାକାର୍ଯ୍ୟ କରିଥିଲେ। ଅମିତାଭ ରାୟ ଓ ସ୍ତ୍ରୀ ମଧୁସ୍ମିତା କର୍ତ୍ତା ଦାୟିତ୍ୱରେ ଥିଲେ। ରବିନ୍ଦ୍ର ପ୍ରଧାନ,ଶିଶିର ପରିଡ଼ା,ସନ୍ତୋଷ ମିଶ୍ର,ସନ୍ତୋଷ ନାୟକ,ହୃଦୟାନନ୍ଦ ପଟ୍ଟନାୟକ,ବାତଲା ସମ୍ମୁଖ ରାଓ,ପବିତ୍ର ମୋହନ ସାହୁ,ପ୍ରକାଶ ଚନ୍ଦ୍ର ସାହୁ,ନକୁଳ ଚରଣ ପତି,ନିରଞ୍ଜନ ପାତ୍ର,ପ୍ରସନ୍ନ ବେହେରା,ସଦାଶିବ ବେହେରା ଓ ବୁଦ୍ଧଦେବ ଦେ ପ୍ରମୁଖ କାର୍ଯ୍ୟକ୍ରମ ସମ୍ପାଦନ କରିଥିଲେ।

# ରେଲୱେ ପୁସିଂ ବ୍ରିଜ ନିର୍ମାଣ ନେଇ ଡିଆର୍‌ଏମ୍‌ଙ୍କୁ ଦାବିପତ୍ର

କୋରାପୁଟ,୧୬।୩(ଅମିତାଭ ବେହେରା)

କୋରାପୁଟ ରେଲୱେ ଅଧୀନରେ ଥିବା ୩ ବ୍ଲକ୍‌ର ୧୦ଟି ସ୍ଥାନରେ ପୁସିଂ ବ୍ରିଜ ନିର୍ମାଣ ପାଇଁ ଡିଆରଏମ୍ ଲଳିତ ବୋରାଙ୍କୁ ସ୍ଥାନୀୟ ଷ୍ଟେସନରେ ସାକ୍ଷାତ କରି ପୂର୍ବତନ ବିଧାୟକ ନିମାଇଁ ସରକାର ଏକ ଦାବିପତ୍ର ରବିବାର ପ୍ରଦାନ କରିଛନ୍ତି। ବିଶାଖାପାଟଣା ରେଳ ଡିଭିଜନର ଡିଆରଏମ୍ ବୋରା କୋରାପୁଟ ଗସ୍ତ ବେଳେ ନନ୍ଦପୁର ବ୍ଲକର ନାରୀଗାଁରେ ୩ଟି, ଡାର୍ଲିପୁଟରେ ୨ଟି, ଲମତାପୁଟ ବ୍ଲକର ପାଲିବା, କୋରାପୁଟ ବ୍ଲକର ଡିଆଡ଼ି ପୁଟ, ଘାଟ ମୁଦାର, ଗିଞ୍ଜିରୀଗୁଡା ଓ ମୂଷିଲାଗୁଡାରେ ପୁସିଂ ବ୍ରିଜ ନିର୍ମାଣ କରିବାକୁ ଦାବି କରିଛନ୍ତି। ପୁସିଂ ବ୍ରିଜ ନ ଥିବାରୁ ଅଞ୍ଚଳବାସୀ ରେଳ ଲାଇନକୁ ବିପଦ ସଙ୍କୁଳ ଭାବେ ପାର ହେଉଛନ୍ତି।



ପୂର୍ବତନ ବିଧାୟକ ନିମାଇଁ ସରକାର ଡିଆରଏମ୍‌ଙ୍କୁ ଦାବିପତ୍ର ପ୍ରଦାନ କରୁଛନ୍ତି।

ବିଭିନ୍ନ ସମୟରେ ଦୁର୍ଘଟଣାର ଶିକାର ହେଉଥିବା ଅଭିଯୋଗ କରିଛନ୍ତି। ରେଲୱେ ବିଭାଗ ପକ୍ଷରୁ ଏହି ୧୦ ସ୍ଥାନରେ ପୁସିଂ ବ୍ରିଜ ନିର୍ମାଣ କରିବାକୁ ଦାବିପତ୍ରରେ ଉଲ୍ଲେଖ କରାଯାଇଛି। ଡିଆରଏମ୍ ବୋରା ଦାବିପତ୍ର ଗ୍ରହଣ କରି ଶୀଘ୍ର ଏ ଦିଗରେ ପଦକ୍ଷେପ ଗ୍ରହଣ କରାଯିବ ବୋଲି ପ୍ରତିଶ୍ରୁତି ଦେଇଛନ୍ତି।

# ଜୟପୁରରେ କବିତା ଆସର

ଜୟପୁର,୧୬।୩(ପବନ ପାଣିଗ୍ରାହୀ)

ଜୟପୁର ସାହିତ୍ୟ ପରିଷଦ ପକ୍ଷରୁ ହାସ୍ୟରସାତ୍ମକ କବିତା ଆସର ଅନୁଷ୍ଠିତ ହୋଇଯାଇଛି। ଅନୁଷ୍ଠାନର ସଭାପତି ହରିହର କରସୁଧା ପଟ୍ଟନାୟକଙ୍କ ସଭାପତିତ୍ୱରେ ସମସ୍ତ ସାହିତ୍ୟିକଙ୍କୁ ଅବିର ପିନ୍ଧାଇ ସ୍ୱାଗତ କରାଯାଇଥିଲା। ସମ୍ପାଦକ ନିରଞ୍ଜନ ପାଣିଗ୍ରାହୀ ଆସର ସମ୍ପର୍କରେ ଆଲୋଚନା କରିଥିଲେ। ୪୦ରୁ ଉର୍ଦ୍ଧ୍ୱ କବୟିତ୍ରୀ କବି ଯୋଗ ଦେଇଥିଲେ। ସମସ୍ତ କବିତା ପାଠ ପରେ ଏହା ଉପରେ ସଭାପତି ପଟ୍ଟନାୟକ ଆଲୋକପାତ କରିଥିଲେ। ଉପସଭାପତି ଡ. ସୁଧାଂଶୁ ପଟ୍ଟନାୟକ ଧନ୍ୟବାଦ ଦେଇଥିଲେ। ମାର୍ଚ୍ଚ ୩୧ରେ ସଙ୍ଗିତ ନାଟକ ଏକାଡେମୀ ଓ ଜୟପୁର ସହିତ୍ୟ ପରିଷଦ ଆନୁକୂଲ୍ୟରେ ସାହିତ୍ୟିକ ବିକ୍ରମଦେବ ବର୍ମାଙ୍କ ସ୍ମୃତିଚାରଣ କରାଯିବ ବୋଲି ସମ୍ପାଦକ ସୂଚନା ଦେଇଥିଲେ।



କାର୍ଯ୍ୟକ୍ରମରେ ଉପସ୍ଥିତ କବୟିତ୍ରୀ ଓ କବିମାନେ।

## ସଡ଼କ ଦୁର୍ଘଟଣାରେ ଜଣେ ମୃତ

କୁନ୍ଦୁରା,୧୬।୩(ସନ୍ତୋଷ ପ୍ରହରାଜ)

କୋରାପୁଟ ଜିଲା କୁନ୍ଦୁରା ବ୍ଲକ୍ ଡ଼ଙ୍ଗରପାଉଁଶି ପଞ୍ଚାୟତ ଅନ୍ତର୍ଗତ ଜିରାଗୁଡା ରାସ୍ତା ନିକଟରେ ଭାରସାମ୍ୟ ହରାଇ ଏକ ବିଦ୍ୟୁତ୍ ଖୁଣ୍ଟରେ ବାଇକ୍(ଓଆର-୧୦ଜି-୭୮୪୮)ପିଟି ହୋଇ ଜଣକ ମୃତ୍ୟୁ ହୋଇଛି। ମୃତକ ହେଲେ ଜୟପୁର ବ୍ଲକ ଆମ୍ବଗୁଡା ନିକଟ ସିନ୍ଧିଗାଁର ତ୍ରିନାଥ ଗାଦବା(୨୧)। ସେ ସ୍ୱାନ ଇନଫ୍ରା ବିଲଡର ନାମକ ଏକ ଘରୋଇ ସଂସ୍ଥାରେ ଟ୍ରାକ୍ଟର ଡ୍ରାଇଭର ଭାବେ କାର୍ଯ୍ୟ କରୁଥିଲେ। ଦୁର୍ଘଟଣାରେ ତ୍ରିନାଥଙ୍କ ମୁଣ୍ଡରେ ଗଭୀର ଆଘାତ ଲାଗିଥିବାରୁ ତାଙ୍କୁ କୁନ୍ଦୁରା ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରକୁ ନିଆଯାଇଥିଲା। ସେଠାରେ ଡାକ୍ତର ଘଟଣାସ୍ଥଳରେ ତାଙ୍କର ମୃତ୍ୟୁ ହୋଇଥିବା ସୂଚନା ଦେଇଥିଲେ। ଏ ନେଇ ୨୫/୨୫ରେ ଏକ ମାମଲା ରୁଜୁ କରି ମୃତଦେହ ବ୍ୟବଚ୍ଛେଦ ପରେ ପରିବାରକୁ ହସ୍ତାନ୍ତର କରାଯାଇଛି।

# ୧୦ କୁଇଣ୍ଟାଲ ଗଞ୍ଜେଇ ଜବତ

ବୈପାରୀଗୁଡା,୧୬।୩(କଳ୍ପତରୁ ମହାନ୍ତି)

ବୈପାରୀଗୁଡ଼ା ପୋଲିସ୍ ପକ୍ଷରୁ ଗୁରୁବାର ୧୦ କୁଇଣ୍ଟାଲ ଗଞ୍ଜେଇ ଜବତ କରାଯାଇଥିବା ଥାନା ଅଧିକାରୀ ଦୀପାଞ୍ଜଳି ପ୍ରଧାନ ସୂଚନା ଦେଇଛନ୍ତି। ମାଝିଗୁଡା ପଞ୍ଚାୟତ ଅନ୍ତର୍ଗତ ଭାଟିପଡା ଗ୍ରାମ ବାହାରେ କିଛି ପଲିଥିନ୍ ବ୍ୟାଗ୍‌ରେ ଗଞ୍ଜେଇ ଥିବା ପୋଲିସ ଖବର ପାଇଥିଲା। ଏସ୍‌ଆଇ କେ. ସି.ଏଚ୍.ସେଠୀଙ୍କ ନେତୃତ୍ୱରେ ଏକ ଟିମ୍ ୪୭ଟି ପଲିଥିନ୍ ବ୍ୟାଗ ଜବତ କରିଥିଲା। ଗଞ୍ଜେଇର ଓଜନ ୧୦ କୁଇଣ୍ଟାଲ ୬୭ କେଜି ରହିଛି। ଏ ନେଇ ଥାନାରେ ଏକ ମାମଲା ରୁଜୁ ହୋଇଛି।



ଜବତ ହୋଇଥିବା ଗଞ୍ଜେଇ।

# ବିହାର ଷ୍ଟେଶନରୁ ଜଣେ ବ୍ୟକ୍ତି ନିଖୋଜ

ଦଶମନ୍ତପୁର, ୧୬।୩ (ଅରବିନ୍ଦ ନାୟକ)

କୋରାପୁଟ ଜିଲା ଦଶମନ୍ତପୁର ବ୍ଲକ୍ ଅନ୍ତର୍ଗତ ଡୁମ୍ବାଗୁଡା ପଞ୍ଚାୟତ ସଦର ମହକୁମାସ୍ଥିତ ହରିଜନ ସାହିର ପ୍ରଫୁଲ୍ଲ ଖୋସଲା(୫୦) ଝିଆରୀଙ୍କୁ ଦେଖିବାକୁ ଯାଉଥିବା ବେଳେ ଅଧବାଟରେ ନିଖୋଜ ହୋଇଥିବା ପରିବାର ଲୋକେ ଅଭିଯୋଗ କରିଛନ୍ତି। ନିଖୋଜ ପ୍ରଫୁଲ୍ଲ କିଛି ଦିନ ହେବ ଝିଆରୀଙ୍କ ଘରକୁ କୌଣସି ପାରିବାରିକ କାର୍ଯ୍ୟକୁ ନେଇ ମାର୍ଚ୍ଚ ୨ରେ ମଉରିଆ ଏକ୍ସପ୍ରେସ ଟ୍ରେନରେ ବିହାର ଯାଉଥିଲେ। ବିହାରର ମୁଜାଫରପୁରକୁ ଟ୍ରେନ୍ ଯୋଗେ ଯାଉଥିବା ବେଳେ କୌଣସି କାମ ପାଇଁ ଓହ୍ଲାଇଥିଲେ। ଆଉ ଟ୍ରେନ୍‌ରେ ନ ଚଢ଼ି ସେହି ଷ୍ଟେସନରୁ ନିଖୋଜ ହୋଇ ଯାଇଥିଲେ ବୋଲି ପରିବାର ଲୋକ ସୂଚନା ଦେଇଛନ୍ତି। ୧୪ ଦିନ ହେବ ଥାନାର ଦ୍ୱାରସ୍ଥ ନ ହୋଇ ପରିବାର ଲୋକେ ଖୋଜାଖୋଜିରେ ବ୍ୟସ୍ତ ରହିଛନ୍ତି। ପୋଲିସ ପ୍ରଶାସନ ନିଖୋଜ ପ୍ରଫୁଲ୍ଲଙ୍କୁ ଉଦ୍ଧାର କରିବାକୁ ପରିବାର ଅନୁରୋଧ କରିଛନ୍ତି।



ନିଖୋଜ ପ୍ରଫୁଲ୍ଲ ଖୋସଲା।

# ଗାଇଡ଼ଲାଇନକୁ ଅବମାନନା, ବିକ୍ରି ହେଲା ମଦ

କୋରାପୁଟ,୧୬।୩(ଅମିତାଭ ବେହେରା)

ସାରାଦେଶରେ ହୋଲି ଉତ୍ସବ ପାଳିତ ହୋଇଥିବା ବେଳେ କୋରାପୁଟ ସହରର ସମସ୍ତ ମଦ ଦୋକାନ ଖୋଲାରହିବା ନେଇ ଅସନ୍ତୋଷ ପ୍ରକାଶ ପାଇଛି। ହୋଲିରେ ମଦ୍ୟପାନ ଜନିତ କୌଣସି ଅପ୍ରୀତିକର ପରିସ୍ଥିତି ସୃଷ୍ଟି ନ ହେବା ପାଇଁ ସରକାରଙ୍କ ପକ୍ଷରୁ ଦିନକ ପାଇଁ ମଦ ଦୋକାନ ବନ୍ଦ କରିବାକୁ ନିର୍ଦ୍ଦେଶ ଦିଆଯାଇଥିଲା। କିନ୍ତୁ କେତେକ ଅସାଧୁ ବ୍ୟବସାୟୀ ଓ ଅବକାରୀ ବିଭାଗର ସଲାସୁତ୍ରରାରେ ସହରର ସମସ୍ତ ମଦ ଦୋକାନ ବନ୍ଦ ପରିବର୍ତ୍ତେ ଖୋଲା ରଖାଯାଇଥିବା ଦେଖିବାକୁ ମିଳିଥିଲା। ସ୍ଥାନୀୟ ବସ୍‌ଷ୍ଟାଣ୍ଡରେ ଥିବା ଠିପି ବନ୍ଦ ମଦ ଦୋକାନ ପାଖରେ ଯିଏ ଖୋଲି ପିଇବ ତାଙ୍କୁ ୫ ହଜାର ଟଙ୍କା ଜରିମାନା ଦେବା ପାଇଁ ଲେଖାଥିଲେ ସୁଦ୍ଧା ଦୋକାନ ଆଗରେ ମଦ ପିଉଥିବା ଓ ନିୟମ ଉଲ୍ଲଂଘନ କରି ମଦ ବିକ୍ରି କରିବା ଘଟଣା ଅସନ୍ତୋଷ ଦେଖାଦେଇଛି।



ମଦ ଦୋକାନ ଆଗରେ ଲୋକଙ୍କ ଭିଡ ।

ବସ୍‌ଷ୍ଟାଣ୍ଡରେ ଏହି ଦୋକାନ ଥିବାରୁ ଦିନ ଦ୍ୱିପ୍ରହରରେ ଖୋଲାଖୋଲି ମଦ୍ୟପାନ କରାଯାଉଥିବାରୁ ଯାତ୍ରୀମାନେ ଅସୁରକ୍ଷିତ ଅନୁଭବ କରୁଛନ୍ତି। ଏ ସମ୍ପର୍କରେ ଟାଉନ ଥାନା ଅଧିକାରୀ ସତ୍ୟାନନ୍ଦ ପାତ୍ରଙ୍କୁ ଜଣାଇବାରୁ ଅଧଘଣ୍ଟା ପରେ ବସ୍‌ଷ୍ଟାଣ୍ଡ ମଦ ଦୋକାନ ବନ୍ଦ ହୋଇଥିବା ବେଳେ ଅନ୍ୟ ଠିପି ବନ୍ଦ ମଦ ଦୋକାନଗୁଡ଼ିକ ଖୋଲା ରହିଥିଲା। ଜିଲାପାଳ ଏ ଦିଗରେ ଦୃଷ୍ଟି ଦେଇ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବାକୁ ଦାବି ହୋଇଛି।

